ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୭ ଡିସେମ୍ବର, ୨୦୧୯



ଆଚରଣ ଶୁଦ୍ଧ ନ ହେଲେ ମୋକ୍ଷ ମିଳିବା ଅସମ୍ଭବ
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ୬ ଫେରାର ଅଭିଯୁକ୍ତ ଗିରଫ

ଧର୍ମଶାଳା,୧୬।୧୨(ଡିଏନଏ): ଧର୍ମଶାଳା ଓ ଜେନାପୁର ପୋଲିସ ବିଭିନ୍ନ ଅଭିଯୋଗରେ ଫେରାର ଥିବା ୬ଜଣ ଅଭିଯୁକ୍ତଙ୍କୁ ରବିବାର ରାତିରେ ଗିରଫ କରି ସୋମବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଧର୍ମଶାଳା ଥାନା ଦେଉଦା ଗ୍ରାମର ବାବନ ନାୟକ, ମାଝିପାଟଣା ଗ୍ରାମର ରଣଜିତ ମଲିକ ଓ ମୁଣ୍ଡମାଳ ଗ୍ରାମର ସନାତନ ବେହେରା ଚୋରାମଦ କାରବାରରେ ସମ୍ପୃକ୍ତ ରହି ଫେରାର ହୋଇଯାଇଥିଲେ। ଏହାବାଦ୍ ଏକ ଚେକ ବାଉନ୍ସ ମାମଲାରେ ଜାରକା ଅଞ୍ଚଳର ବସନ୍ତ ସାହୁ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ସେହିପରି ଜେନାପୁର ପୋଲିସ ଫେରାର ଥିବା କମ୍ପାଲୁ ଗ୍ରାମର ରବୀନ୍ଦ୍ର ସାହୁ ଓ ସନାତନ ସାହୁଙ୍କୁ ରବିବାର ରାତିରେ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି।

### ଭଅଁରା ନନ୍ଦଲାଲ ଜୀଉ ମଠରେ ନାମ ସଂକୀର୍ତ୍ତନ

ବରୀ,୧୬।୧୨(ସ୍ୱ.ପ୍ର):ବରୀ ବ୍ଲକ ଅଧୀନ ଭଅଁରା ପଞ୍ଚାୟତର ସର୍ବପୁରାତନ ନନ୍ଦଲାଲ ଜୀଉ ମଠ ପରିସରରେ ସୋମବାର ଧନୁ ସଂକ୍ରାନ୍ତୀ ଉପଲକ୍ଷେ ନାମ ସଂକୀତନ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ଷୋଡଶ ଉପଚାର ପୂଜା କରାଯାଇ ଘୃତାହୂତି ଦିଆଯାଇଥିବାବେଳେ ନାମ ସଂକୀର୍ତ୍ତନ ଜାରି ରହିଛି। ଦିନ ତମାମ ଆଖପାଖ ଗାଁର ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ଆଧାତ୍ମିକ ଚିନ୍ତା ଓ ଚେତନାରେ ପରିବେଶ ଉତ୍ସବମୁଖର ହୋଇଉଠିଛି। ସେହିପରି ଅଟିରା ପଞ୍ଚାୟତର ସନ୍ଥନ ମଠ, ଗୋଲକୁଣ୍ଡ ପଞ୍ଚାୟତର ମା' ମଙ୍ଗଳାଙ୍କ ପୀଠ, ବାଲିବିଲି ଗ୍ରାମର ବାଲୁକେଶ୍ୱର, ଅନ୍ୟାସୀପୁର ପଞ୍ଚାୟତର ଶାମେଶ୍ୱର ପୀଠରେ ଧନୁ ସଂକ୍ରାନ୍ତି ଉପଲକ୍ଷେ ଭଜନ କୀର୍ତ୍ତନ ଚାଲିଛି। ସୋମବାର ବିଳମ୍ବିତ ରାତିରେ ଏହା ଉଦ୍‌ଯାପିତ ହେବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି।

### ନବ ବିବାହିତାଙ୍କୁ ଅପହରଣ ମାମଲା: ଜେଲ ଗଲେ ୨ ଅଭିଯୁକ୍ତ

ରସୁଲପୁର,୧୬।୧୨(ଡିଏନଏ): ରସୁଲପୁର ବ୍ଲକ ବ୍ରହ୍ମବରଦା ଅଞ୍ଚଳରୁ ଗତ ୧୦ ତାରିଖରେ ଜଣେ ନବବିବାହିତାଙ୍କୁ ଅପହରଣ କରାଯାଇଥିବା ନେଇ ଶାଶୁଘର ଲୋକେ ଅଭିଯୋଗ କରିଥିଲେ। ଏହି ଅପରହଣ ଘଟଣାରେ ପୋଲିସ ରବିବାର ଦୁଇଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବାବେଳେ ସୋମବାର ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦୁଇଜଣ ହେଲେ ବାଲେଶ୍ୱର ଜିଲା ସୋର ଥାନା ବ୍ରଜଦେଉଳି ରୂପାଖଣ୍ଡ ଗ୍ରାମର ଜ୍ୟୋତିପ୍ରକାଶ ବିଶ୍ୱାଳ(୨୬) ଓ ସଞ୍ଜୟଜିତ୍ ବିଶ୍ୱାଳ(୨୪)। ଗିରଫ ଅଭିଯୁକ୍ତ ଦ୍ୱୟ ଅପହୃତା ମହିଳାଙ୍କ ପୁରୁଷ ବନ୍ଧୁ ବୋଲି କୁହାଯାଉଛି। ଏହି ଅପହରଣ ଅତି ନାଟକୀୟ ଢଙ୍ଗରେ ହୋଇଥିବାବେଳେ କେହି ଏହାର ଟେର୍ ପାଇ ନ ଥିଲେ। ହେଲେ ମୋବାଇଲ କଲ ରେକର୍ଡକୁ ଆଧାର କରି ବ୍ରହ୍ମବରଦା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ପାରିଥିଲା। ସୂଚନା ଥାଉକି, ମହିଳା ଜଣକ ଗତ କିଛି ମାସ ହେବ ସ୍ଥାନୀୟ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମରେ ବିବାହ କରିଥିଲେ। ବିବାହ ଦିନଠାରୁ ସେ ଅଶାନ୍ତିରେ ରହୁଥିଲେ। ଉକ୍ତ ୨ ଅଭିଯୁକ୍ତ ମହିଳାଙ୍କ କଲେଜ ସହପାଠୀ ଥିଲେ। ତେଣୁ ସେ ଉକ୍ତ ୨ ଯୁବକଙ୍କୁ ଫୋନ କରି ତାଙ୍କୁ ସେଠାରୁ ନେଇଯିବାକୁ କହିଥିଲେ। ମହିଳାଙ୍କ ସ୍ୱାମୀ ବାହାରେ ରହୁଥିବାରୁ ଏହାର ସୁଯୋଗ ନେଇ ମହିଳା ଜଣକ ଉକ୍ତ ୨ ପୁରୁଷ ବନ୍ଧୁଙ୍କ ସହ ଫେରାର ହୋଇଯାଇଥିଲେ। ଗଲା ବେଳକୁ ସେ ସାଥିରେ ୨୦ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନାଗହଣା ନେଇ ପଳାଇଥିଲେ। ସୁନା ଗହଣାକୁ ବାଲେଶ୍ୱରସ୍ଥିତ ଏକ ବ୍ୟାଙ୍କରେ ବନ୍ଧକ ରହି ଟଙ୍କା ନିଜ ଜମାଖାତାରେ ରଖି ଦିଲ୍ଲୀ ପଳାଇ ଯାଇଥିବା ନେଇ ଅଭିଯୁକ୍ତ ପୁରୁଷ ବନ୍ଧୁ ଦ୍ୱୟ ପୋଲିସ ସମ୍ମୁଖରେ ବୟାନ ଦେଇଛନ୍ତି। ଉକ୍ତ ଘଟଣାକୁ ନେଇ ଧର୍ମଶାଳା ପୋଲିସ ଏକ ମାମଲା (ନଂ-୫୯୩/୧୯) ରୁଜୁ କରିବା ସହ ଅପହରଣ ଓ ଚୋରି ଦଫା ଲଗାଇ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଦିଲ୍ଲୀରୁ ମହିଳାଙ୍କ ପ୍ରତ୍ୟାର୍ପଣ ପାଇଁ ପୋଲିସ ପ୍ରସ୍ତୁତି ଚଳାଇଛି। ମହିଳା ଜଣକ ଫେରିବା ପରେ ତାଙ୍କ ବୟାନ ରେକର୍ଡ କରାଯିବ। ଏହାପରେ ଘଟଣା ପଛର ପ୍ରକୃତ ସତ୍ୟ ପଦାକୁ ଆସିପାରିବ ବୋଲି ତଦନ୍ତ ଅଧିକାରୀ ପରମାନନ୍ଦ ସେଠୀ ସୂଚନା ଦେଇଛନ୍ତି।

# ଓଡ଼ିଶା ଦାବିକୁ ଅଣଦେଖା

ଯାଜପୁର ଅଫିସ,୧୬।୧୨




- ସର୍ଭେରେ ଅଟକିଛି ବିରଜାକ୍ଷେତ୍ରକୁ ରେଳପଥ ସଂଯୋଗ
- ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନକୁ ମିଳିପାରୁନି ଡିଭିଜନ ମାନ୍ୟତା
- ଦୀର୍ଘ ବର୍ଷ ହେଲା ନିର୍ବାଚିତ ଏମ୍‌ପିମାନେ ଲୋକ ସଭାରେ ଦାବି କରି ଆସୁଛନ୍ତି

ସବୁ ପ୍ରକାର ଭିତ୍ତିଭୂମି ଥାଇ ଯାଜପୁର ଜିଲାର ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନକୁ ଡିଭିଜନ ମାନ୍ୟତା ମିଳିପାରୁ ନାହିଁ। ଏହାସହ ଦୀର୍ଘଦିନର ଦାବି ବିରଜାକ୍ଷେତ୍ରକୁ ରେଳପଥ ସଂଯୋଗ ସର୍ଭେରେ ଅଟକିଛି। ଏନେଇ ରାଜନୈତିକ ନେତୃବର୍ଗ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ଦାବି, ଦସ୍ତଖତ ଅଭିଯାନ, ଆନ୍ଦୋଳନ ଆଦି ଜରିଆରେ କେନ୍ଦ୍ର ସରକାର ଓ ରେଳୱେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ବି କିଛି ସୁଫଳ ମିଳିପାରୁ ନାହିଁ। ନିର୍ବାଚିତ ଏମ୍‌ପିମାନେ ଦୀର୍ଘ ବର୍ଷ ହେଲା ଲୋକସଭାରେ ଏନେଇ ଦାବି ଉପସ୍ଥାପନ କରୁଥିଲେ ହେଁ କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରଣାଳୟ ଅଣଦେଖା କରିଚାଲିଛି। ନିକଟରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଓ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯଥାକ୍ରମେ ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନକୁ ଡିଭିଜନ ମାନ୍ୟତା ଏବଂ ଭଦ୍ରକ-ଚାନ୍ଦବାଲି- ଅଖଣ୍ଡଳମଣି- ଯାଜପୁରକୁ ନୂତନ ରେଳପଥ ସଂଯୋଗ ପାଇଁ ଦାବି କରିଛନ୍ତି।

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତଟ ରେଳପଥ ପକ୍ଷରୁ ଯାଜପୁର ରୋଡରୁ ଧାମରା ପର୍ଯ୍ୟନ୍ତ ୨୦୧୨-୧୩ ମସିହାରେ ସର୍ବେକ୍ଷଣ ହୋଇଥିଲା। ୨୦୧୫ ଏପ୍ରିଲରେ ରେଳ ମନ୍ତ୍ରଣାଳୟ ଅଧୀନ ରେଳୱେ ବୋର୍ଡ ନିକଟରେ ଏହାର ନଥିପତ୍ର ଦାଖଲ କରାସରିଛି। ଦୀର୍ଘ ୯୯.୯୫ କିମି ଏହି ରେଳପଥ ନିର୍ମାଣ ପାଇଁ ୯୯୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଥିଲା। ଏହି ରେଳପଥ ନିର୍ମାଣ ହେଲେ ପୂର୍ବତଟ ରେଳୱେ ବର୍ଷକୁ ୩୩ ପ୍ରତିଶତ ଲାଭବାନ ହେବ ବୋଲି ସର୍ଭେ କରିଥିବା ଅଧିକାରୀମାନେ ଜଣାଇଛନ୍ତି। ଯାଜପୁରରେ ବିଶ୍ୱପ୍ରସିଦ୍ଧ କ୍ଷେତ୍ରେଶ୍ୱରୀ ମା' ବିରଜାଙ୍କ ଶକ୍ତିପୀଠ ଥିବାବେଳେ ଭଦ୍ରକ ଜିଲାର ଆରଡ଼ିଠାରେ ବିଶ୍ୱପ୍ରସିଦ୍ଧ ଆଖଣ୍ଡଳମଣୀ ଧାମ ରହିଛି। ଏହି ୨ଟି ଜାଗାକୁ ପ୍ରତ୍ୟେକ ଦିନ ଦେଶ ବିଦେଶରୁ ଯାତ୍ରୀମାନେ ଆସି ଦର୍ଶନ ଲାଭ କରିଥାନ୍ତି। ଏହି ରେଳପଥ ନିର୍ମାଣ ହେଲେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସମ୍ଭବ ହେବ। ଯାଜପୁର ଜିଲାର କଳିଙ୍ଗନଗର ଏସିଆ ମହାଦେଶର ଇସ୍ପାତ ରାଜଧାନୀଭାବେ ପରିଗଣିତ ହୋଇସାରିଲାଣି। ଏଠାରୁ ଧାମରା ଦେଇ ଦେଶ ବିଦେଶକୁ ମାଲ ପରିବହନ କରିବା ପାଇଁ ସୁଗମ ହେବ। ଏହି ରେଳପଥ ନିର୍ମାଣ ଦ୍ୱାରା ଜିଲାର ଉତ୍ପାଦିତ କୃଷିଜାତ ଦ୍ରବ୍ୟର ପରିବହନ ଉନ୍ନତି ଆସିବା ସହିତ ଖାଉଟି ସାମଗ୍ରୀ ଲୋକଙ୍କ ପାଖରେ ପହଞ୍ଚିବା ଅଧିକ ସୁବିଧାଜନକ ହେବ ବୋଲି ଦାବି ହୋଇ ଆସିଛି। ଲୋକସଭାରେ ଜିଲାରୁ ପ୍ରତିନିଧିତ୍ୱ କରୁଥିବା ପ୍ରାୟ ସମସ୍ତ ଏମ୍‌ପି ଏନେଇ ଦାବି କରୁଛନ୍ତି। ହେଲେ କେନ୍ଦ୍ର ସରକାର ଏହି ଦାବିକୁ ଅଣଦେଖା କରି ଆସୁଥିବାରୁ ଜିଲାବାସୀଙ୍କ ବିଶ୍ୱାସଭାଜନ ହୋଇ ପାରୁ ନ ଥିବା ମତପ୍ରକାଶ ପାଇଛି। ଚଳିତ ଲୋକସଭା ଶୀତ ଅଧିବେଶନରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନକୁ ସ୍ୱତନ୍ତ୍ର ରେଳ ଡିଭିଜନ ମାନ୍ୟତା ଦେବାକୁ ଦାବି କରିଛନ୍ତି। ସେ ତାଙ୍କ ଦାବିରେ କହିଛନ୍ତି ଯେ, କେନ୍ଦ୍ର ସରକାର ଯାଜପୁର ଜିଲାର କଳିଙ୍ଗନଗରକୁ ଏସିଆର ବୃହତ ଶିଳ୍ପ ହବ ବୋଲି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଯାଜପୁରରେ ଏକ ରେଳୱେ ଡିଭିଜନ ସ୍ଥାପନ ପାଇଁ ଅନୁରୋଧ କରିଛନ୍ତି। ଏଥିସହିତ ଏଠାରେ ଆବଶ୍ୟକ ଜମି ଯୋଗାଇ ଦେବାକୁ ରାଜ୍ୟ ସରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜିଲାରେ ୪ଟି ଜଙ୍କସନ ଓ ୨୧ଟି ରେଳ ଷ୍ଟେଶନ ରହିଛି। ପଡୋଶୀ ଜିଲାରେ ରହିଥିବା ଧାମରା ଓ ପାରାଦୀପ ବନ୍ଦର ସହ ବାଣିଜ୍ୟିକ କାରବାର ବୃଦ୍ଧି ପାଇଁ ଏହି ଡିଭିଜନର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ଅଗ୍ରାଧିକାର ଭିତ୍ତିରେ ଏଠାରେ ରେଳ ଡିଭିଜନ ପ୍ରତିଷ୍ଠା ପାଇଁ ଏମ୍‌ପି ସେଠୀ ଦୃଢ଼ ଦାବି ଜଣାଇଛନ୍ତି। ଏହାବାଦ ଭଦ୍ରକ ଏମ୍‌ପି ମଣ୍ଡଳ ମଧ୍ୟ ଭଦ୍ରକ-ଚାନ୍ଦବାଲି- ଅଖଣ୍ଡଳମଣି- ଯାଜପୁରକୁ ନୂତନ ରେଳପଥ ସମେତ ରାଉରକେଲା -ଭଦ୍ରକ ଭାୟା ଯାଜପୁର-କେନ୍ଦୁଝରରୋଡ ଏବଂ ଏକ ଦ୍ରୁତଗାମୀ ଟ୍ରେନ ରାଉରକେଲା-ଭଦ୍ରକ ଭାୟା ଯାଜପୁର-କେନ୍ଦୁଝରରୋଡ ଦେଇ ଚଳାଚଳ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷେ ଏନେଇ ବ୍ୟାସନଗର ନାଗରିକ କମିଟି, ଦସ୍ତଖତ ଅଭିଯାନ, ଯାଜପୁର-ଧାମରା ରେଳପଥ ସଂଯୋଗ କ୍ରିୟାନୁଷ୍ଠାନ କମିଟି, ବିରଜାକ୍ଷେତ୍ର ବିକାଶ ମଞ୍ଚ ଆଦି ଅନୁଷ୍ଠାନ ପକ୍ଷରୁ ଦାବି ହୋଇଆସୁଛି।

## ଓଏମ୍‌ସି ଦକ୍ଷିଣ କାଳିଆପାଣି ଖଣି ପୁରସ୍କୃତ

କାଳିଆପାଣି,୧୬।୧୨(ଡିଏନଏ)

ଓଡ଼ିଶା ଖଣି ନିଗମ ପରିଚାଳିତ ଦକ୍ଷିଣ କାଳିଆପାଣି ଖଣିକୁ ବିପଦଶୂନ୍ୟ ଜାତୀୟ ଖଣି ସୁରକ୍ଷା ପୁରସ୍କାର ମିଳିଥିବା ଜଣାପଡ଼ିଛି। କେନ୍ଦ୍ରୀୟ ଶ୍ରମ ମନ୍ତ୍ରଳାୟ ପକ୍ଷରୁ ସୋମବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ଜାତୀୟ ଖଣି ସୁରକ୍ଷା ପୁରସ୍କାର ଉତ୍ସବରେ ଉପରାଷ୍ଟ୍ରପତି ଏମ.ଭେଙ୍କୟା ନାଇଡୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦକ୍ଷିଣ କାଳିଆପାଣି ଖଣି ପରିଚାଳକ କାଠି ପ୍ରଧାନ ଓ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧର ଖଣି ନିଗମ ପକ୍ଷରୁ ପୁରସ୍କାର ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଖଣି ଓ ଶ୍ରମ ରାଷ୍ଟ୍ରମନ୍ତ୍ରୀ ସନ୍ତୋଷ କୁମାର ଗଙ୍ଗୁଆର, ଡ଼ିଜିଏମଏସଆର ସୁବ୍ରମଣ୍ୟମ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିଚାଳକ ମନୋଜ ପତି, ସହପରିଚାଳକ ସତ୍ୟନ୍ଦୁ ଜେନା, ଶାନ୍ତନୁ ଜେନା, ଅମୀୟ ଦାସ, ସଚ୍ଚିଦାନନ୍ଦ ମୁଦୁଲି, ପ୍ରଭଞ୍ଜନ ମହାପାତ୍ର, ଏମଡି ନାଜିର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

## ଚଣ୍ଡୀମାତା କ୍ରିକେଟ: ପଙ୍କପାଳ ଶାସନ ଚାମ୍ପିୟନ

ଜେନାପୁର,୧୬।୧୨(ଡ଼ିଏନଏ)



ଚାମ୍ପିୟନ ଟିମ୍‌କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

ଧର୍ମଶାଳା ବ୍ଲକ ଚକ୍ରଧରପୁର ପଞ୍ଚାୟତ ଅଧୀନ କୁସୁନପୁର ଗ୍ରାମ ଚଣ୍ଡିମାତା କ୍ରିକେଟ ପଡ଼ିଆରେ ଚାଲିଥିବା ୧୦ମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଯାଜପୁର ରୋଡ୍ କୁରୁକୁରା ଟାଇଗର କ୍ରିକେଟ ଟିମ୍ ଓ ପଙ୍କପାଳ ଶାସନ ଜୟ ଦୁର୍ଗା କ୍ରିକେଟ ଟିମ ମଧ୍ୟରେ ହୋଇଥିଲା। ଯାଜପୁର ରୋଡ଼ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୯ ୱିକେଟ ହରାଇ ୧୯୫ ରନ୍ ସଂଗ୍ରହ କରିଥିଲା। ଜବାବରେ ବିପକ୍ଷ ପଙ୍କପାଳ ଶାସନ ଟିମ୍ ୧୭.୩ ଓଭରରେ ୬ ୱିକେଟ୍ ହରାଇ ୧୯୬ ରନ୍ ସଂଗ୍ରହ କରି ବିଜୟ ହୋଇଥିଲା। ବିପକ୍ଷ ଦଳର ଜଗନ୍ନାଥ ସାହୁ ୫୩ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବିଜୟୀ ଦଳର ଗଣେଶ୍ୱର ସାହୁ ୧୫୪ ରନ୍ କରି ୭ ୱିକେଟ ନେଇ ମ୍ୟାନ୍ ଅଫ୍ ଦି ସିରିଜ୍ ହୋଇଥିଲେ। ଖେଳକୁ କୀର୍ତ୍ତନ ନାୟକ, ନରେନ୍ଦ୍ର ନାୟକ ପରିଚାଳନା କରିଥିଲେ। ଭାଷ୍ୟକାରଭାବେ ମନୋଜ ନାୟକ, ପ୍ରଶାନ୍ତ ନାୟକ ଦାୟିତ୍ୱ ତୁଲାଇ ଥିବାବେଳେ ସ୍କୋରର୍ ଭାବେ ବିଦ୍ୟାଧର ନାୟକ, ସୁବ୍ରତ ନାୟକ ସହଯୋଗ କରିଥିଲେ। ବେଷ୍ଟ ଭଲ୍ୟୁଣ୍ଟିଅରଭାବେ ରୁଦ୍ର ପ୍ରସାଦ ନାୟକ ମନୋନୀତ ହୋଇଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚକ୍ରଧରପୁର ଆହ୍ଲାବାଦ ବ୍ୟାଙ୍କର ଶାଖା ପରିଚାଳକ ସାରଦା ମାହାଲ, ସମ୍ମାନିତ ଅତିଥିଭାବେ ଚଣ୍ଡିମାତା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ ମଲ୍ଲିକ, ରମେଶ ଭଞ୍ଜ, କୈଳାସ ସାହୁ, ବଟକୃଷ୍ଣ ନାୟକ ପ୍ରମୁଖ ଯୋଗଦେଇ ଦୁଇଦଳର ଅଧିନାୟକଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ମ୍ୟାନେଜର ସଞ୍ଜୟ ନାୟକ, ପ୍ରଦୀପ ନାୟକ, ପ୍ରଶାନ୍ତ ବିଶ୍ୱାଳ, ରାକେଶ ନାୟକ, ଶରତ ନାୟକ, ପ୍ରଭାସ ନାୟକ ପ୍ରମୁଖଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

## କ୍ରୀଡା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର

କୋରେଇ,୧୬।୧୨(ସ୍ୱ.ପ୍ର)

କୋରେଇ ବ୍ଲକ ଖମଣ ପଞ୍ଚାୟତ ଶଙ୍ଖଚିଲାର ସର୍ବପୁରାତନ କ୍ରୀଡା ସଂଗଠନ ମା' ହିଙ୍ଗୁଳା ସ୍ପୋର୍ଟ୍ସ ଏକାଡେମୀ, କ୍ୟାରମ ଆସୋସିଏଶନ ଓ ଯାଜପୁରରୋଡସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖାର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିର ଖମଣ ପଞ୍ଚାୟତର ରାଜୀବ ଗାନ୍ଧୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଯୁବବର୍ଗ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏହି ଶିବିରକୁ କ୍ୟାରମ ଆସେସିଏଶନ ସଭାପତି ତଥା ବିଶିଷ୍ଟ କ୍ରୀଡାବିତ ସଞ୍ଜୟ କୁମାର ସାହୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଜିତେନ୍ଦ୍ର କୁମାର ଦାସଙ୍କ ତତ୍ତ୍ୱାବଧନାରେ ଶିବିର ଅନୁଷ୍ଠିତ ହୋଇଥିଲାବେଳେ ଶିବ ପ୍ରସାଦ ସାହୁ, କାଶିନାଥ ଦାସ, ଦେବବ୍ରତ ସାହୁ, ସଞ୍ଜୟ ସାହୁ, ଅମରନାଥ ଗୁରୁ, ମନୋଜ ସାହୁ, ସତ୍ୟପ୍ରକାଶ ସାହୁ, ନୃସିଂହ ସାହୁ, ଆଶୁତୋଷ ବିଶ୍ୱାଳ, ଶଶିଭୂଷଣ ସାହୁ, ଦୀପକ ସାହୁ, ଜିତେନ୍ଦ୍ର ସାହୁ, ରବୀନ୍ଦ୍ର କୁମାର ମଲ୍ଲିକ, ଭାଗିରଥି ବାରିକ, ପ୍ରକାଶ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିରରେ ୪୮ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲାବେଳେ ଯାଜପୁର ଟାଉନ ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

## ଆଜି ଆସୁଛନ୍ତି ରାଜ୍ୟପାଳ

### ବାଲିଚନ୍ଦ୍ରପୁର ଓ ନୀଳସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀକୁ କରିବେ ଉଦ୍‌ଘାଟନ

ଚଣ୍ଡିଖୋଲ/ ଧର୍ମଶାଳା,୧୬।୧୨(ଡି.ଏନ.ଏ)

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଙ୍ଗଳବାର ଯାଜପୁର ଜିଲା ଗସ୍ତରେ ଆସୁଛନ୍ତି। ବଡ଼ଚଣା ବ୍ଲକ କୃଷ୍ଣପୁର ଶାସନ ବିଦ୍ୟାଳୟ ପରିସରରେ ସେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଜଗନ୍ନାଥ ଶତପଥୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଦୁଇଦିନିଆ ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରିବେ। ୧୭ ଓ ୧୮ ତାରିଖ ଦୁଇଦିନ ଧରି ବିଦ୍ୟାଳୟ ପରିସରରେ ସୁବର୍ଣ୍ଣ ଜୟନ୍ତୀ ପାଳିତ ହେବ। ଏହି ସମାରୋହରେ ରାଜ୍ୟପାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିବେ। ସେଥିପାଇଁ ସୋମବାର ସନ୍ଧ୍ୟାରେ ଯାଜପୁର ଏସ୍‌ପି ଚରଣ ସିଂହ ମୀନା ବାଲିଚନ୍ଦ୍ରପୁର ବିଦ୍ୟାଳୟକୁ ଆସି ସ୍ଥିତି ପରଖିଛନ୍ତି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ସମସ୍ତଙ୍କ ସାହାଯ୍ୟ ସହଯୋଗ କାମନା କରିଛନ୍ତି। ବାଲିଚନ୍ଦ୍ରପୁର ବଜାରର ଟ୍ରାଫିକ ସମସ୍ୟା ନେଇ ଥାନାଧିକାରୀଙ୍କ ସମେତ ପୋଲିସ କର୍ମଚାରୀଙ୍କୁ ବୁଝାଇଛନ୍ତି। ମଙ୍ଗଳବାର ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଅଧ୍ୟକ୍ଷତା କରିବେ। ସେହିପରି ୧୭ ଓ ୧୮ ତାରିଖ ଦୁଇଦିନ ଧରି ହେବାକୁ ଥିବା ଧର୍ମଶାଳା ବ୍ଲକ ନେଉଳପୁରସ୍ଥିତ ନୀଳସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉତ୍ସବକୁ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଉଦ୍‌ଘାଟନ କରି ମୁଖ୍ୟଅତିଥି ଭାବେ ଯୋଗଦେବେ। ଏଥିରେ ମୁଖ୍ୟବକ୍ତା ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ, ସମ୍ମାନିତ ଅତିଥିଭାବେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୧୮ତାରିଖ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ମୁଖ୍ୟବକ୍ତାଭାବେ ଏମବିସି ଟିଭିର ସମ୍ପାଦକ ପଣ୍ଡିତ ବିଶ୍ୱନାଥ ଶତପଥୀ, ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ବିଇଓ ପ୍ରଫୁଲ୍ଲ କୁମାର ବେହେରା ଓ ଚଳିଚ୍ଚିତ୍ର ଅଭିନେତ୍ରୀ ଭୂମିକା ଦାଶ ଯୋଗଦେବେ ବୋଲି ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ବିଜୟ କୁମାର ରାମ ଓ ସମ୍ପାଦକ ଅଧ୍ୟାପକ ଅରୁଣ କୁମାର ନାୟକ ଜଣାଇଛନ୍ତି।

## ହନୁମାନ ବଜାର କମିଟିର ବାର୍ଷିକ ଉତ୍ସବ, କର୍ମକର୍ତ୍ତା ନିର୍ବାଚନ

ଧର୍ମଶାଳା,୧୬।୧୨(ଡିଏନଏ)

ଧର୍ମଶାଳା ବ୍ଲକ ଜାରକାସ୍ଥିତ ହନୁମାନ ବଜାର କମିଟିର ବାର୍ଷିକ ଉତ୍ସବ ଓ କର୍ମକର୍ତ୍ତା ନିର୍ବାଚନ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦିଲୀପ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ କ୍ୟାପ୍ଟେନ ତ୍ରିଲୋଚନ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ବ୍ୟବସାୟୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ କୋଷାଧ୍ୟକ୍ଷ ଆୟବ୍ୟୟର ହିସାବ ଦେଇଥିଲେ। ଏହି ଅବସରରେ କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଚଳିତବର୍ଷ ସଭାପତି ଭାବେ ବ୍ରଜକିଶୋର ମହାନ୍ତି, ଉପସଭାପତି ସେକ ହାପିଜ ଅହମ୍ମଦ, ସମ୍ପାଦକ ଭାବେ ଦିଲୀପ କୁମାର ଜେନା, ସହସମ୍ପାଦକ ଚିତ୍ତରଞ୍ଜନ ଶତପଥୀ ଓ କୋଷାଧ୍ୟକ୍ଷ ଭାବେ ରମେଶ ଚନ୍ଦ୍ର ପାତ୍ର ନିର୍ବାଚିତ ହୋଇଥିଲେ। ଉପଦେଷ୍ଟାଭାବେ ତ୍ରିଲୋଚନ ବିଶ୍ୱାଳ, ମଧୁସୁଦନ ସାହୁ, ସୁଧାଂଶୁ ଶେଖର ଷଡଙ୍ଗୀ ଓ ଅସିତ କୁମାର ସାହୁଙ୍କୁ ଚୟନ କରାଯାଇଛି। ସେହିପରି କାର୍ଯ୍ୟକାରୀ ସଭ୍ୟଭାବେ ଶୁଭେନ୍ଦୁ ରାମ, ସମୀର ମହାରଣା, ପ୍ରିୟରଞ୍ଜନ ଦୋରା, ଅରୁଣ ମାହାରଣା, ସରୋଜ ପ୍ରଧାନ, ସେକ କଲିମ, ତପନ ଓଝା, ସୋମ୍ୟ ଘଡାଇ, ପବିତ୍ର ରାଉତ, ଶିବାଶିଷ ମହାପାତ୍ର ଓ ପ୍ରଦୀପ ପଣ୍ଡାଙ୍କୁ ଚୟନ କରାଯାଇଛି। ଆଇନ ପରାମର୍ଶଦାତା ଭାବେ ନଳିନୀକାନ୍ତ ମିଶ୍ରଙ୍କୁ ଚୟନ କରାଯାଇଛି। ଶେଷରେ ପ୍ରିୟରଞ୍ଜନ ଦୋରା ଧନ୍ୟବାଦ ଦେଇଥିଲେ।

## ଗଡ଼ମଧୁପୁରରେ ଲକ୍ଷ୍ମୀନାରାୟଣ ପୂଜା



ଚଢ଼େଇଧରା,୧୬।୧୨(ଡି.ଏନ୍.ଏ)

ଧର୍ମଶାଳା ବ୍ଲକ ମଧୁପୁରଗଡ଼ସ୍ଥିତ ଆମ୍ବସାହିରେ ଲକ୍ଷ୍ମୀନାରାୟଣ ପୂଜା ପବିତ୍ର ଧନୁ ସଂକ୍ରାନ୍ତି ଆରମ୍ଭ ହୋଇଛି। ଏହି ପୂଜା ତିନିଦିନ ଧରି ଚାଲିବ। ଗ୍ରାମର ଯୁବକମାନେ ଭାବଦେଇ ପୋଖରୀରୁ କଳସ ବୁଡାଇ ଗ୍ରାମରେ କଳସ ଶୋଭାଯାତ୍ରା କରିଥିଲେ। ପରେ ଘଟ ସ୍ଥାପନ ହୋଇଥିଲା। ବିଶିଷ୍ଟ ପଣ୍ଡିତଙ୍କୁ ନେଇ ଏହି ପୂଜା ଆରମ୍ଭ ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭଜନ କୀର୍ତ୍ତନ କରାଯାଏ। ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି ଏବଂ ସୁନ୍ଦର ଆଲୋକମାଳାରେ ଠାକୁରଙ୍କ ଚତୁଃପାର୍ଶ୍ୱକୁ ସୁସଜ୍ଜିତ କରାଯାଇଛି। ଏହି ତିନିଦିନ ସମସ୍ତ ଗ୍ରାମବାସୀ ଆମିଷ ନିଷେଧ କରନ୍ତି। ସେହିପରି ଆରୁହା ଓ ମଧୁପୁରଗଡ଼ ତଳସାହିରେ ମଧ୍ୟ ଲକ୍ଷ୍ମୀନାରୟଣ ପୂଜା ଧୁମ୍‌ଧାମରେ ଆରମ୍ଭ ହୋଇଛି। ଏହି ପୂଜା ଦେଖିବାପାଇଁ ପ୍ରଥମ ଦିନରେ ପ୍ରବଳ ଜନସମାବେଶ ହୋଇଥିଲା।

### ପହଞ୍ଚିଲା ତିତିଲି, ଫନୀ ଫସଲ କ୍ଷୟକ୍ଷତି ଅର୍ଥ

## ୧୬୪୮ ହେକ୍ଟର ପାଇଁ ୧.୧୨କୋଟି ଟଙ୍କା ସହାୟତା

ରସୁଲପୁର,୧୬।୧୨(ଡିଏନଏ)

**ରସୁଲପୁର ତହସିଲ**

ରସୁଲପୁର ତହସିଲ ଅଞ୍ଚଳରେ ତିତିଲି ଓ ଫନୀ ବାତ୍ୟାରେ ଫସଲ ହାନୀ ବାବଦରେ କ୍ଷତିପୂରଣ ଅର୍ଥ ଆସି ପହଞ୍ଚିଛି। ଏ ନେଇ ଚାଷୀଙ୍କର ଦୀର୍ଘଦିନର ଅପେକ୍ଷାର ଅନ୍ତ ଘଟିଛି। ଚାଷୀଙ୍କୁ କ୍ଷତି ପୂରଣ ମିଳିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଅନ୍ୟପକ୍ଷରେ ଏ ବାବଦରେ ଅର୍ଥ ତହସିଲରେ ପହଞ୍ଚିବା ପରେ କ୍ଷୟକ୍ଷତି ଆକଳନ ନେଇ ତତ୍ପରତା ପ୍ରକାଶ ପାଇଛି। ତହସିଲ, କୃଷି, ଉଦ୍ୟାନ କୃଷି ବିଭାଗର କ୍ଷେତ୍ରୀୟ ଅଧିକାରୀଗଣ ବିଭିନ୍ନ ରାଜସ୍ୱ ନିରୀକ୍ଷକଙ୍କ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିସାରିଛନ୍ତି। ସେହି ମୁତାବକ ଏହି ଅଞ୍ଚଳରେ ୧୬୪୮ ହେକ୍ଟର ଫସଲ କ୍ଷୟକ୍ଷତି ହୋଇଥିବାବେଳେ ଏ ବାବଦକୁ ମୋଟ ୧କୋଟି ୧୨ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବା ନେଇ ଫାଇଲ କାର୍ଯ୍ୟ ଚାଲିଛି। ଏ ବାବଦରେ ଚାଷୀଙ୍କ ଜମାଖାତାକୁ ଟଙ୍କା ପ୍ରଦାନ କରାଯିବ ବୋଲି ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ସୂତ୍ରରୁ ଜଣାପଡିଛି। ପ୍ରକାଶ ଯେ, ଏହି ତହସିଲ ଅଧୀନରେ ୫ଟି ସର୍କଲ ରହିଛି। ଏହି ସର୍କଲ ଅଧୀନରେ ୨୮ଟି ପଞ୍ଚାୟତ ରହିଛି। ସେଥିରୁ ତିତିଲି ବାତ୍ୟାରେ ମୋଟ ୧୨ଟି ପଞ୍ଚାୟତରେ କ୍ଷୟକ୍ଷତି ହୋଇଥିଲା। କସ୍ବା ଅଧୀନ ଓଡିଶୋ ପଞ୍ଚାୟତରେ ୫୧ ହେକ୍ଟର ଜମି, କଳଣରେ ୪୯, ସିଂହାପୁରରେ ୨୫ ହାରରେ ମୋଟ ୧୨୫ ହେକ୍ଟର କ୍ଷୟକ୍ଷତି ହୋଇଥିବାବେଳେ ଏଥିପାଇଁ ୮.୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି। ସେହିପରି ଆଦମପୁର ସର୍କଲ ଅଧୀନ ବଡକଇଁଚିରେ ୩୨, ଗନ୍ଧଣରେ ୩୯, ନଠୁଆବରରେ ୫୪, ଜାବରାରେ ୧୮ ହିସାବରେ ମୋଟ ୧୪୩ ହେକ୍ଟର ପାଇଁ ୯.୭୨ଲକ୍ଷ ଟଙ୍କା କ୍ଷତିପୂରଣ ମିଳିଛି। ନରସିଂହପୁର ସର୍କଲ ଅଧୀନ ରାହାମ୍ବାରେ ୨୬, ମୁଗୁପାଳରେ ୧୯, ଭୋଟକାରେ ୧୦କୁ ନେଇ ମୋଟ ୫୫ହେକ୍ଟର ଚାଷ ଜମିକୁ ୩.୭୪ ଲକ୍ଷ, ପହଁଗା ସର୍କଲର ଶ୍ରୀବନ୍ତପୁରରେ ୧୦, ପହଁଗାରେ ୫ ହେକ୍ଟରକୁ ନେଇ ୧୫ହେକ୍ଟର ପାଇଁ ୧.୦୨ଲକ୍ଷ ଟଙ୍କା ସମେତ ମୋଟ ୩୩୮ ହେକ୍ଟର ପାଇଁ ମୋଟ ୨୨ଲକ୍ଷ, ୯୮ହଜାର, ୪୦୦ଟଙ୍କା ଆସିଥିବା ଜଣାପଡ଼ିଛି। ସେହିଭଳି ଫନି ବାତ୍ୟାରେ ମୋଟ ୨୫ଟି ପଞ୍ଚାୟତରେ ଚାଷରେ କ୍ଷୟକ୍ଷତି ହୋଇଥିଲା। ସେଥିରୁ କସ୍ବା ସର୍କଲରେ ଓଡିଶୋରେ ୯୪ ହେକ୍ଟର, କଳଣରେ ୩୯, ସିଂହାପୁରରେ ୩୯, ବାରବାଟୀରେ ୮୪, ପ୍ରଥମାଖଣ୍ଡିରେ ୩୦କୁ ନେଇ ମୋଟ ୨୮୬ ହେକ୍ଟର, ନରସିଂହପରୁ ସର୍କଲ ପାଇଁ ରାହାମ୍ବାରେ ୯୫, ମୁଗୁପାଳରେ ୬୩, ଭୋଟକାରେ ୬୯, ଅତଲାପୁରରେ ୩୭, ରାଜେନ୍ଦ୍ରପୁରରେ ୪୦, ରସୁଲପୁରରେ ୯୧, ବାହାଦଲାପୁରରେ ୫୨, ନରସିଂହପୁରରେ ୬୦ ହେକ୍ଟରକୁ ନେଇ ମୋଟ ୫୦୭ ହେକ୍ଟର ଫସଲ କ୍ଷତିଗ୍ରସ୍ତ ହୋଇଛି। ସାମନ୍ତରାପୁର ସର୍କଲ ଅଧୀନରେ ବନ୍ଧଡିହରେ ୪୭, ସାମନ୍ତରାପୁରରେ ୪୨, ମଙ୍ଗରାଜପୁରରେ ୫୬, ଅର୍ଥଗାଁରେ ୫୫, ରାଉତରାପୁରରେ ୩କୁ ମିଶାଇ ମୋଟ ୨୦୩ ହେକ୍ଟର, ଆଦମପୁର ସର୍କଲରେ ବଡକଇଁଚିରେ ୬୨, ଗନ୍ଧଣରେ ୬୨, ନଠୁଆବରରେ ୫୯, ଜାବରାରେ ୩୧କୁ ମିଶାଇ ୨୧୪ ହେକ୍ଟର, ପହଁଗା ସର୍କଲରେ ଶ୍ରୀବନ୍ତପୁରରେ ୫୭, ପହଁଗାରେ ୨୩, ଟିକରପଡାରେ ୨୦ହେକ୍ଟରକୁ ମିଶାଇ ୧୦୦ ହେକ୍ଟର ଫସଲରେ କ୍ଷତି ହୋଇଛି। ଫନୀ ବାତ୍ୟାରେ ମୋଟ ୧୩୧୦ ହେକ୍ଟର ଚାଷ କ୍ଷୟକ୍ଷତି ପାଇଁ ହେକ୍ଟର ପିଛା ୬,୮୦୦ଟଙ୍କା ଆର୍ଥିକ ସହାୟତା ହାରରେ ୮୯ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ଆକଳନରେ ପରିସରଭୁକ୍ତ ଚାଷୀ ସେମାନଙ୍କ ଜମିଜମା ପ୍ରମାଣପତ୍ର ସହ ବ୍ୟାଙ୍କ ପାସବୁକ୍, ଆଧାର କାର୍ଡ ଦାଖଲ କରିବେ। ରାଜସ୍ୱ ନିରୀକ୍ଷଙ୍କ ନିକଟରେ ଥିବା ଉଦ୍ଦିଷ୍ଟ ଫର୍ମ ପୂରଣ କରି ଦାଖଲ କରିବା ପରେ ପ୍ରମାଣପତ୍ରଗୁଡିକୁ ଯାଞ୍ଚ କରାଯିବ। ଏହାପରେ ଇନପୁଟ୍ ସବ୍‌ସିଡି ବାବଦକୁ ଅର୍ଥ ଚାଷୀଙ୍କ ଆକାଉଣ୍ଟକୁ ଯିବ ବୋଲି କୁହାଯାଉଛି।



ଆଖି ଅନ୍ୟସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ସାହିତ୍ୟ ସଂସଦ 'ଚାଳଘର' ବିବାଦର ଅନ୍ତ

ରତ୍ନଗିରି, ୧୬।୧୨ (ଡିଏନ୍ଏ): ଦିର୍ଘଦିନ ଧରି ବହୁ ବାଦ ବିବାଦ ପରେ ଚାଳଘର ସାହିତ୍ୟ ସଂସଦ ବିବାଦର ଅନ୍ତ ଘଟିଛି। ସାହିତ୍ୟ ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମକୁ ଆଖିଆଗରେ ରଖି ଗଠନ ହୋଇଥିବା ଏହି ସଂଗଠନକୁ ଜିଲା କାର୍ଯ୍ୟାଳୟ ତରଫରୁ ସ୍ୱୀକୃତି ମିଳିଛି। ଚାଳଘର ନାମରେ ବରୀ ଅଞ୍ଚଳରେ ଅନ୍ୟ ଏକ ଅନୁଷ୍ଠାନ ଥିଲା ବୋଲି ଅଭିଯୋଗ ହୋଇ ଆସୁଥିଲା। ଜିଲା ପ୍ରଶାସନର ସ୍ପଷ୍ଟୀକରଣ ପରେ ତାହା ଭୁଲ୍ ବୋଲି ପ୍ରମାଣିତ ହୋଇଛି। ୨୦୧୯ ଅଗଷ୍ଟରେ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଶହୀଦଙ୍କ ପରିବାରକୁ ସମ୍ବର୍ଦ୍ଧିତ କରି ଚାଳଘର ସାହିତ୍ୟ ସଂସଦ ଚର୍ଚ୍ଚାକୁ ଆସିଥିଲା। ପ୍ରକାଶ ଥାଉକି, ଉକ୍ତ ସାହିତ୍ୟ ସଂସଦ ମୋଟ୍ ୨୭ଜଣ ସଭ୍ୟାସଭ୍ୟଙ୍କୁ ନେଇ କାର୍ଯ୍ୟାରମ୍ଭ କରିଥିଲା। ମାତ୍ର ପରବର୍ତ୍ତୀ ଅବସ୍ଥାରେ ଏହି ଅନୁଷ୍ଠାନକୁ ପଞ୍ଜୀକରଣ କ୍ଷେତ୍ରରେ ବିରୋଧ କରାଯାଇଥିଲା। ପଞ୍ଜୀକରଣ ଧାରା ୧୮୬୦ ଅନୁଯାୟୀ ଆବେଦନ ସମୟରେ ଏହି ସାହିତ୍ୟ ଅନୁଷ୍ଠାନକୁ ବିରୋଧ କରୁଥିବା ବ୍ୟକ୍ତିମାନେ ଚାଳଘର ସାହିତ୍ୟ ସଂସଦ ନାମରେ ବରୀ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଏକ ଟ୍ରଷ୍ଟ ପଞ୍ଜୀକରଣ କରିଥିଲେ। ଯାଜପୁର ଜିଲା ଅତିରିକ୍ତ ଜିଲାପାଳଙ୍କଠାରୁ ନିର୍ଦ୍ଦେଶନାମା ପାଇବା ପରେ ବରୀ ବିଡିଓ ଓ ତହସିଲଦାର ଚାଳଘର ସାହିତ୍ୟ ସଂସଦ କାର୍ଯ୍ୟାଳୟ ପରିଦର୍ଶନ କରିବା ପରେ ଅତିରିକ୍ତ ଜିଲାପାଳ ଚାଳଘର ସାହିତ୍ୟ ସଂସଦର କର୍ମକର୍ତ୍ତା ସବ୍‌ରେଜିଷ୍ଟ୍ରାର ଓ ଉକ୍ତ ଅନୁଷ୍ଠାନକୁ ବିରୋଧ କରୁଥିବା ବ୍ୟକ୍ତିଙ୍କୁ ହାଜର ହୋଇ କାଗଜପତ୍ର ଦେଖାଇବାକୁ କହିଥିଲେ। ଅଭିଯୋଗକାରୀ ଓ ଚାଳଘର ସାହିତ୍ୟ ସଂସଦର କର୍ମକର୍ତ୍ତାମାନେ ସେମାନଙ୍କ ନିକଟରେ ଥିବା ସମସ୍ତ କାଗଜପତ୍ର ଦାଖଲ କରିବା ପରେ ଏହାକୁ ଯାଞ୍ଚ କରି ଜିଲାପାଳ ସାହିତ୍ୟ ସଂସଦକୁ ଜେପିଆର୍ ନଂ ୩୫୩୬/୫୧/୨୦୧୯ରେ ପଞ୍ଜୀକୃତ କରିଛନ୍ତି। ଯାହାର ସଭାପତି ବିରଜା ପ୍ରସାଦ ପରିଡା ଓ ସମ୍ପାଦକ ପ୍ରତାପ ଦାସ ବୋଲି ଜଣାପଡିଛି।

### ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୮୫ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ୧୯୮୩-୮୫ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ସମାରୋହ ଭୁବନେଶ୍ୱରସ୍ଥ ଜୟଦେବ ବାଟିକାଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶାନ୍ତନୁ ଦାସ ଅଧ୍ୟକ୍ଷତା କରି ପାଠପଢ଼ା ସମୟର ସ୍ମୃତିଚାରଣ କରିଥିଲେ। ୩୫ବର୍ଷ ପରେ ପ୍ରଥମଥର ପାଇଁ ଏକାଠି ହୋଇଥିବାରୁ ଛାତ୍ରୀଛାତ୍ରମାନେ ପରସ୍ପର ସହ ଭାବ ବିନିମୟ କରି ପୁରୁଣା ଅନୁଭୂତି ବାଣ୍ଟିଥିଲେ। ଏବେ ବହୁ ଉଚ୍ଚ ପଦପଦବୀରେ ରହି ସୁନାମ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନେ ମଧ ସେତେବେଳ ଓ ବର୍ତ୍ତମାନର ଅନୁଭବକୁ ସାଉଣ୍ଟିଥିଲେ। ଏଥିରେ ପ୍ରମୋଦ ମଲ୍ଲିକ, ସୁଧିର କର, ପ୍ରଭଞ୍ଜନ ପତି, ସୁରେଶ କର, ପର୍ଶୁରାମ ରାଉତରାୟ, ସୁରେଶ ଜେନା, କୁନ୍ତଳା ମଲ୍ଲିକ, ରବୀନ୍ଦ୍ର ଜେନା, ଗଦାଧର ସାହୁ, ଜିତେନ୍ଦ୍ର କୁମାର ପାଢ଼ୀ, ପ୍ରଫୁଲ୍ଲ ଦେ, ପ୍ରଫୁଲ୍ଲ କୁମାର ପଣ୍ଡା, ରମାକାନ୍ତ ଲେଙ୍କା, ମିନାକ୍ଷୀ ମହାନ୍ତି, ରମେନ୍ଦ୍ର ବେହେରା, ଲକ୍ଷ୍ମୀଧର ତ୍ରିପାଠୀ ଯୋଗଦେଇ ଛାତ୍ର ଜୀବନର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧାଂଶୁବାଳା ମିଶ୍ର, କବିତା ପଣ୍ଡା, ସୁଜାତା ତ୍ରିପାଠୀ, ଲିପିକା ଦାସ, ଶିଶିର ଜେନା, ରବି ନାରାୟଣ ସାହୁ, ରଙ୍କନିଧି ବିଳୟାରସିଂ, ସୂର୍ଯ୍ୟ ବେହେରା, ଧୀରା ଦାସ ପ୍ରମୁଖ ଯୋଗ ଦେଇଥିଲେ।

## 'ଫନୀ' ବାତ୍ୟାକୁ ପୂରିଲା ସାଢେ ୭ ମାସ

# କାରିଗରଙ୍କୁ ମିଳିନି ସହାୟତା ରାଶି

**ଯାଜପୁର ଅଫିସ, ୧୬।୧୨**



- ୩୦୬୭ ବୁଣାକାର, ହସ୍ତଶିଳ୍ପ କାରିଗର କ୍ଷତିଗ୍ରସ୍ତ
- ସର୍ଭେ ସରିଛି, ତାଲିକା ଦାଖଲ
- ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ଫସର ଫାଟିଲା

ଫନୀ ବାତ୍ୟା ପାଇଁ ଜଳ ସମ୍ପଦ ବିଭାଗର କ୍ଷୟକ୍ଷତି ଆକଳନ କରାଯାଇ ୩୭୦କୋଟି ୪୦ ଲକ୍ଷ ୫୦ ହଜାର ଟଙ୍କାର ବିବରଣୀ ପ୍ରଦାନ କରାଯାଇଥିଲା। ଏଥିରେ ବୃହତ୍ ଓ ମଧ୍ୟମ ଧରଣର ଜଳସେଚନ ପ୍ରକଳ୍ପରେ ୩୧୧ କୋଟି ୬୫ ଲକ୍ଷ ୩୪ ହଜାର ଟଙ୍କା, ଡ୍ରେନେଜ ବିଭାଗରେ ୯କୋଟି ୩୮ଲକ୍ଷ ୩୬ହଜାର ଟଙ୍କା ଓ ଉଠାଜଳସେଚନ ପ୍ରକଳ୍ପରେ ୪୯କୋଟି ୩୬ଲକ୍ଷ ୮୦ହଜାର ଟଙ୍କା ଏସଆରସି (ସ୍ୱତନ୍ତ୍ର ରିଲିଫ କମିଶନ)ରେ ଦାଖଲ ହୋଇଥିଲା। କିନ୍ତୁ ଅଦ୍ୟାବଧି ଏବାବଦକୁ କୌଣସି ଅର୍ଥ ଏସ୍ଆରସିଙ୍କ ଦ୍ୱାରା ପ୍ରଦାନ କରାଯାଇ ନାହିଁ। ଏହିକ୍ରମରେ ଯାଜପୁର ଜିଲାର ୩୦୬୭ କାରିଗରଙ୍କ କଞ୍ଚାମାଲ, ନିର୍ମାଣ ସାମଗ୍ରୀ, ଯନ୍ତ୍ରପାତି ଓ କର୍ମଶାଳା ପ୍ରଭୃତି କ୍ଷତିଗ୍ରସ୍ତ ହୋଇଛି। ଏହାର ପରିମାଣ ସମୁଦାୟ ୩ କୋଟି ୮୮ ଲକ୍ଷ ୪୦ ହଜାର ୬୦୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତେବେ ଫନୀକୁ ସାଢେ ୭ ମାସ ପୁରି ଯାଇଥିବାବେଳେ ଆବଶ୍ୟକ କ୍ଷତିପୂରଣ ନ ମିଳିବାରୁ ଜିଲାର ଗରିବ ହସ୍ତଶିଳ୍ପ କାରିଗରଙ୍କ ଦାନାପାଣି ସଙ୍କଟରେ ଗତି କରୁଛି।

ଗତ ମେ ୩ରେ ହୋଇଥିବା ବାତ୍ୟା ଫନୀ ହସ୍ତଶିଳ୍ପ କାରିଗରଙ୍କ ଜୀବନଜୀବିକାକୁ ସଙ୍କଟରେ ପକାଇଥିଲା। ଏଥିରେ ଜିଲାର ୧୦ଟି ବ୍ଲକ ଓ ୨ ପୌରାଞ୍ଚଳରେ ୩୦୬୭ ଜଣ କାରିଗର ଫନୀ ଯୋଗୁ ପ୍ରଭାବିତ ହୋଇଥିଲେ। ଏଥିରେ ହସ୍ତଶିଳ୍ପଙ୍କ ବିଭିନ୍ନ କଞ୍ଚାମାଲ, ନିର୍ମାଣ ସାମଗ୍ରୀ, କର୍ମଶାଳା, ମୂର୍ତ୍ତି, କୋଇଲା, ବୈଦ୍ୟୁତିକ ଯନ୍ତ୍ରପାତି ଆଦି କ୍ଷତିଗ୍ରସ୍ତ ହୋଇଥିଲା। କାରିଗରଙ୍କ କାଇଁଚ, ନିର୍ମାଣ ସାମଗ୍ରୀ, ପଥର କାରିଗରଙ୍କ କଞ୍ଚାମାଲ ଓ କର୍ମଶାଳା ଘର ସମ୍ପୂର୍ଣ୍ଣ ଉଜୁଡି ଯାଇଥିଲା। ଏହାବାଦ କଂସାପିତ୍ତଳ ଏବଂ ଟେରାକୋଟା ନିର୍ମାଣରେ କୁଣ୍ଡପାଟଣା, ବାଲିପାଟଣା, ଅତଲାପୁର, ସାମନ୍ତପୁର, ବୈଦ୍ୟରାଜପୁର, ବୁଗୁଡି, ପଣସୁଧା, ଲକ୍ଷ୍ମୀନଗର, ପ୍ରଥମାଖଣ୍ଡି, ଗୋପାଳପୁର, ଲକ୍ଷ୍ମୀନଗର ଆଦି ଗ୍ରାମର କାରିଗରମାନେ କ୍ଷତିଗ୍ରସ୍ତ ହୋଇଥିଲେ। ଏନେଇ କାରିଗରଙ୍କ ପକ୍ଷରୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଡିଆନ, ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ଦାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାବାଦ ଗତ ନଭେମ୍ବର ୨୨ରେ ଓଡିଶା ଶିଳ୍ପୀ ମହାସଂଘ ପକ୍ଷରୁ ବିଧାନସଭା ଘେରାଉ କରିଥିଲେ। ହେଲେ ଏଯାଏ କୌଣସି ସୁଫଳ ନ ମିଳିବାରୁ ଫନୀ ପ୍ରଭାବିତ କାରିଗରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାବାଦ ୨୦୧୮ ମାର୍ଚ୍ଚରେ ରାଜ୍ୟରେ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଏବଂ ଉନ୍ନୟନ ପରିଷଦ ଗଠନ ହୋଇଛି। ଏଥିପାଇଁ ୨୦କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। କିନ୍ତୁ ବିଡମ୍ବନା ଯେ, ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଓ ଅସହଯୋଗ କାରଣରୁ ଏହି ପରିଷଦ ଏଯାଏ ସକ୍ରିୟ ହୋଇପାରି ନାହିଁ। ଫଳରେ ମଞ୍ଜୁର ହୋଇଥିବା ଅର୍ଥ କାରିଗରଙ୍କ ହିତରେ ଆସି ପାରିନାହିଁ ବୋଲି ଅଭିଯୋଗ ଉଠିଛି। ଓଡ଼ିଶା ଶିଳ୍ପୀ ମହାସଂଘର ସଂଗଠନ ସମ୍ପାଦକ ପ୍ରିୟରଞ୍ଜନ କର କହିଛନ୍ତି ଆଜିକୁ ଫନୀ ମହାବାତ୍ୟାକୁ ସାଢେ ୭ମାସ ପୁରିଲାଣି। କିନ୍ତୁ ରାଜ୍ୟ ସରକାର ନିଜେ ଘୋଷଣା କରିଥିବା ଶିଳ୍ପୀ ଓ ବୁଣାକାର କାରିଗରଙ୍କ ପାଇଁ କୌଣସି ସହାୟତା ମିଳିପାରି ନାହିଁ। ନିଜେ ମୁଖ୍ୟମନ୍ତ୍ରୀ ଗତ ମେ ମାସରେ ରାଜ୍ୟର ଫନି କ୍ଷତିଗ୍ରସ୍ତ ୬୦ହଜାର ବୁଣାକାର ଓ ୭୦ ହଜାର ହସ୍ତଶିଳ୍ପୀଙ୍କ ପାଇଁ ପ୍ରତ୍ୟେକଙ୍କୁ ୮,୨୦୦ ଟଙ୍କା ଦେବେ ବୋଲି ଘୋଷଣା କରିଥିଲେ। ଉଭୟ ବୟନଶିଳ୍ପ ଓ ହସ୍ତ ଏବଂ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଆଜକୁ ୪ମାସ ହେବ ୧୪ଟି ଜିଲାର ଲକ୍ଷାଧିକ କାରିଗରଙ୍କ ନାମ ସର୍ଭେ କରାଯାଇଛି। ସରକାରଙ୍କ ନିକଟରେ ଏହା ଜମା କରାଯାଇଥିଲେ ମଧ ତାହାର ସୁଫଳ ମିଳିପାରି ନାହିଁ। ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ମନୋଜ କୁମାର ବେହେରାଙ୍କୁ ପଚାରିବାରେ, ଏଯାଏ ଅନୁଦାନ ଆବଣ୍ଟିତ ହୋଇ ନ ଥିବାରୁ କାହାରିକୁ ଫନୀ କ୍ଷୟକ୍ଷତି ସହାୟତା ପ୍ରଦାନ କରାଯାଇ ନାହିଁ। ଏନେଇ ବିଭାଗ ପକ୍ଷରୁ ତ୍ୱରାନ୍ୱିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

**ଯାଜପୁର ଅଫିସ, ୧୬।୧୨**

ବିରଜାକ୍ଷେତ୍ରସ୍ଥିତ ଚିତାଲୋ ଜୁନିୟର କଲେଜରେ ଦୀର୍ଘ ୧୨ ଦିନ ଧରି ଚାଲିଥିବା ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଅଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ପ୍ରତିଷ୍ଠାତା ବଦ୍ରୀ ନାରାୟଣ ରାୟ ମୁଖ୍ୟଅତିଥି, ଅଧ୍ୟାପକ ପ୍ରଦୀପ ମଲ୍ଲିକ ମୁଖ୍ୟବକ୍ତା, ଡିଗ୍ରୀ କଲେଜର ଅଧ୍ୟକ୍ଷ ଅଦ୍ୱୈତ ପ୍ରସାଦ ମଲ୍ଲିକ, ଅଧ୍ୟାପକ ପ୍ରବୀର କୁମାର ବରାଳ, କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ନାଥଶର୍ମା, ଲୋକନାଥ ମହାପାତ୍ର ପ୍ରମୁଖ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସାମ୍ପ୍ରତିକ ସମାଜରେ ନାରୀ ସୁରକ୍ଷା ଏକାନ୍ତ ଜରୁରୀ ବୋଲି କହିଥିଲେ। ଅଧ୍ୟାପିକା ଅଙ୍କିତା ମହାପାତ୍ର ବିବରଣୀ ପ୍ରଦାନ କରିଥିବାବେଳେ ମାଷ୍ଟରଟ୍ରେନର ସୁଚିସ୍ମିତା ବେହେରା ଓ ନିରୁପମା ସେଠୀ ଛାତ୍ରୀଙ୍କୁ ପ୍ରଶିକ୍ଷିତ କରାଇଥିଲେ। ଅନ୍ୟତମ ଶିବିରାର୍ଥୀ ରୁପ୍‌ସା ରାଉତ ଓ ପଲେଇ ପାତ୍ର ପ୍ରଶିକ୍ଷଣ ନେଇ ଅନୁଭୂତି ବଖାଣିଥିଲେ। ଅଧ୍ୟାପକ ରବୀନ୍ଦ୍ର ପାଢ଼ୀ, ବିଭୂତି ଦାସ, ବଟକୃଷ୍ଣ ଦାସ, ଗିରିଧାରୀ ସାହୁ, ପ୍ରଭାତ ସାମଲ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ନାଥସାହି ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ଶିବିରରେ ଅଧ୍ୟକ୍ଷ ଅଶୋକ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ବିରଜା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଖିଳ ରଞ୍ଜନ ପାଢ଼ୀ ମୁଖ୍ୟଅତିଥି ଓ ପ୍ରାଧ୍ୟାପକ ପ୍ରଦୀପ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ସୁପର ଟେନ୍‌କୁ ଗଲେ ଅଞ୍ଜିରା, ରାଇଛନ୍ଦା

**ଧର୍ମଶାଳା, ୧୬।୧୨ (ଡିଏନଏ)**



ଧର୍ମଶାଳା ବିଧାୟକ ଶିଶୁ କ୍ରିକେଟ ଖେଳାଳିଙ୍କୁ ବ୍ୟାଟ ପ୍ରଦାନ କରୁଛନ୍ତି।

**କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟ**

କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେସନ ପକ୍ଷରୁ ମଧୁପୁରଗଡ ଖେଳ ପଡ଼ିଆରେ ଅନୁଷ୍ଠିତ ୫ମ କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସେଥିରେ ଅଞ୍ଜିରା ଓ ରାଇଛନ୍ଦା ପଞ୍ଚାୟତ ଟିମ୍ ବିଜୟୀ ହୋଇ ସୁପର ଟେନ୍‌ରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚରେ ସାହାଣୀଡିହ ଟିମକୁ ୩୭ ରନରେ ପରାସ୍ତ କରି ଅଞ୍ଜିରା ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚରେ ତାଳଜଙ୍ଗ ଟିମକୁ ୯୯ ରନରେ ପରାସ୍ତ କରି ରାଉଛନ୍ଦା ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ଅଞ୍ଜିରା ଦଳ ବ୍ୟାଟିଙ୍ଗ୍ କରି ନିର୍ଦ୍ଧାରିତ ୧୫ ଓଭରରେ ୮ୱିକେଟ୍ ହରାଇ ୨୨୫ ରନ ସଂଗ୍ରହ କରିଥିଲା। ଜବାବରେ ସାହାଣୀଡିହ ଦଳ ବ୍ୟାଟିଂ କରି ୧୫ ଓଭରରେ ୯ ୱିକେଟ ହରାଇ ୧୮୮ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ରାଇଛନ୍ଦା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ୱିକେଟ ହରାଇ ୧୯୬ ରନ ସଂଗ୍ରହ କରିଥିଲା। ଜବାବରେ ତାଳଜଙ୍ଗ ଦଳ ବ୍ୟାଟିଂ କରି ୧୦.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୯୭ ରନ କରି ପରାସ୍ତ ହୋଇଥିଲା। ଉଭୟ ମ୍ୟାଚକୁ ଉତ୍ତମ ସାମଲ, ପ୍ରତାପ ନାୟକ, ଇନ୍ତେକାବ ଆଲମ୍ ଓ ଅମରେଶ ପରିଡା ପରିଚାଳନା କରିଥିଲେ। ବୁଧବାର କୃଷ୍ଣପଡା ଖେଳ ପଡିଆଠାରେ ରସୁଲପୁର ପଞ୍ଚାୟତ ସହିତ ଲକ୍ଷ୍ମୀନଗର ପଞ୍ଚାୟତ ଓ ଅତଲାପୁର ସହିତ ଓଡିଶୋ ମଧ୍ୟରେ ପ୍ରି-କ୍ୱାଟର ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି।

## ଟ୍ରେନ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

**ଢେଙ୍କାନାଳ, ୧୬।୧୨ (ଡି.ଏନ୍.ଏ.)**

ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ପଇଦାପାଟଣା ପଞ୍ଚାୟତ ନୁଗୁରିପଶି ଗ୍ରାମ ଦେଇ ଯାଇଥିବା ଦୈତାରୀ ବାଉଁଶପାଣି ରେଳଲାଇନ୍‌ରେ ସୋମବାର ପୂର୍ବାହ୍ନ ୭ଟା୧୦ରେ ଏକ ଏକ୍ସପ୍ରେସ୍ ଟ୍ରେନ୍ ଧକ୍କାରେ ଶାନ୍ତିଲତା ବେହେରା(୬୫) ନାମ୍ନୀ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ମହିଳାଙ୍କ ଘର ନୁସୁରୀ ପଶି ଗ୍ରାମରେ। ଶାନ୍ତିଲତା ଶୌଚପାଇଁ ଯାଇ ରେଳଲାଇନ୍ ସେପଟରୁ ଘରକୁ ଫେରୁଥିବାବେଳେ ଏକ ଏକ୍ସପ୍ରେସ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା କନଷ୍ଟେବଲ ସୁଶିଲ ଚନ୍ଦ୍ର ମହାନ୍ତ ଘଟଣାସ୍ଥଳକୁ ଯାଇ ଘଟଣାର ତଦନ୍ତ କରି ମୃତଦେହ ଜବତ କରି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୫୯/୧୯) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପାଟଣା ଡାକ୍ତରଖାନାକୁ ପଠାଇଛନ୍ତି।

## ସେଲ୍‌ଫି ଉଠାଇବାବେଳେ ନଦୀରେ ଭାସିଯିବା ଘଟଣା

# ୩୦ ଘଣ୍ଟା ପରେ ବି ମିଳିନି ପତ୍ତା

**ଯାଜପୁର ଅଫିସ, ୧୬।୧୨**

**ରସୁଲପୁର, ବରୀ ଅଗ୍ନିଶମ କର୍ମଚାରୀଙ୍କ ତନାଘନା**

ସେଲ୍‌ଫି ଉଠାଉଥିବାବେଳେ ଯାଜପୁରସଦର ଥାନା ଏରବାଙ୍ଗ ଗ୍ରାମର ଜଣେ ନାବାଳିକା ଖରସ୍ରୋତାର ଶାଖା ନଦୀ ତନ୍ତିଘାଇରେ ରବିବାର ଭାସିଯାଇଥିଲେ। ଏହି ଘଟଣାକୁ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ୩୦ଘଣ୍ଟା ଅତିକ୍ରାନ୍ତ ହୋଇଯାଇଥିଲେ ବି ନିଖୋଜ ନାବାଳିକାଙ୍କ ପତ୍ତା ମିଳିନାହିଁ। ସୋମବାର ପୂର୍ବାହ୍ନରେ ବରୀ ଓ ରସୁଲପୁର ଅଗ୍ନିଶମ ବିଭାଗର କର୍ମଚାରୀମାନେ ମିଳିତ ଭାବେ ଅଧିକ ଖୋଜାଖୋଜି କରିଛନ୍ତି। ହେଲେ ନାବାଳିକାଙ୍କର କୌଣସି ଖୋଜଖବର ମିଳିପାରି ନାହିଁ। ସୂଚନାଯୋଗ୍ୟ ଯେ, ରବିବାର ଅପରାହ୍ନ ପ୍ରାୟ ୨ଟା ସମୟରେ ଏରବାଙ୍ଗ ଗ୍ରାମର ସେକ୍ କଲିମୁଦ୍ଦିନଙ୍କ ଝିଅ ସାଇତା ବେଗମ(୧୭) ଓ ସମ୍ପର୍କୀୟା ଭଉଣୀ ନାଜ୍‌ରୀନ୍ ବେଗମ୍‌ଙ୍କ ସହ ନିକଟସ୍ଥ ତନ୍ତିଘାଇ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ମାତ୍ର ଗାଧୋଇବା ସମୟରେ ନଦୀରେ ମୋବାଇଲ୍ ଯୋଗେ ସେଲ୍‌ଫି ନେଉଥିବାବେଳେ ସାଇତାଙ୍କ ଗୋଡ ଖସିଯିବାରୁ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଖୋଜାଖୋଜି କରିଥିଲେ ମଧ ସାଇତାର କୌଣସି ପତ୍ତା ମିଳି ନ ଥିଲା। ପ୍ରବଳ ସ୍ରୋତରେ ସାଇତା ଦୂରକୁ ଭାସିଯାଇଥିବା ଅନୁମାନ କରାଯାଉଛି। ମଙ୍ଗଳବାର ଯାଜପୁର ଅଗ୍ନିଶମ ବିଭାଗର ସହାୟତା ନିଆଯିବ ବୋଲି ସୂଚନା ମିଳିଛି।

**ଅତଲାପୁର ପଞ୍ଚାୟତରେ ବ୍ୟାପକ ଦୁର୍ନୀତି**

## ବିଡିଓଙ୍କ ନିକଟରେ ଫେରାଦ ହେଲେ ପଞ୍ଚାୟତବାସୀ

**ରସୁଲପୁର, ୧୬।୧୨ (ଡିଏନଏ)**

ରସୁଲପୁର ବ୍ଲକ ବରୀ ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ୧୦ଟି ପଞ୍ଚାୟତ ମଧ୍ୟରୁ ଶ୍ରେଷ୍ଠ ପୁରସ୍କାରପ୍ରାପ୍ତ ଅତଲାପୁର ପଞ୍ଚାୟତରେ ଦୁର୍ନୀତିର ଗନ୍ଧ ବାରିଛନ୍ତି ଜନସାଧାରଣ। ସରକାରଙ୍କ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଜନ ମଙ୍ଗଳକାରୀ ଯୋଜନାକୁ ତୃଣମୂଳସ୍ତରରେ ପ୍ରଣୟନ କରିବାରେ ବ୍ୟାପକ ଅନିୟମିତତା ହୋଇଛି। ଏଥିପାଇଁ ପଞ୍ଚାୟତବାସୀ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଦାୟୀ କରିଛନ୍ତି। ସରପଞ୍ଚ ସାହୁ ହିତାଧିକାରୀଙ୍କଠାରୁ ଉତ୍କୋଚ ନେଇ ବହୁ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି।

ପ୍ରକାଶ ଯେ, ଏହି ପଞ୍ଚାୟତର ଅତଲାପୁର, ସାଦକପୁର, ଗଣେଶ ପାଟଣା ଆଦି ଗ୍ରାମର ଗ୍ରାମବାସୀ ସୋମବାର ପୂର୍ବାହ୍ନରେ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପତ୍ରରେ ସରପଞ୍ଚଙ୍କ ବିରୋଧରେ ଏକ ଲମ୍ବା ଅଭିଯୋଗ ହୋଇଛି। ପଞ୍ଚାୟତ ଠିକ୍‌ଭାବେ ଚାଲୁ ନ ଥିବା କଥାରୁ ଅଭିଯୋଗ ଆରମ୍ଭ ହୋଇଛି। ପଞ୍ଚାୟତ ବୈଠକ ନିୟମିତ ବସୁ ନାହିଁ, ବିଭିନ୍ନ କାର୍ଯ୍ୟକୁ ନେଇ ପଲ୍ଲୀସଭା ଓ ଗ୍ରାମସଭା ଠିକ୍ ଢଙ୍ଗରେ ପରିଚାଳନା କରାଯାଉ ନାହିଁ, ହିତାଧିକାରୀ ଚୟନ ତାଲିକା ରୁଦ୍ଧ କୋଠରୀ ମଧ୍ୟରେ ପ୍ରସ୍ତୁତ ହେଉଛି, ପଞ୍ଚାୟତର ଆଲୋକୀକରଣ ବ୍ୟବସ୍ଥାରେ ବ୍ୟାପକ ଦୁର୍ନୀତି ହୋଇଛି, ଅତଲାପୁର ଗ୍ରାମରେ ଘେରିବନ୍ଧ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ହୋଇଛି ବୋଲି ଦର୍ଶାଇ ଏ ବାବଦରେ ୪.୧୩ଲକ୍ଷ ଟଙ୍କା ଫଲ୍‌ସ ବିଲ୍ କରାଯାଇଛି ଆଦି ଅନେକ ଅଭିଯୋଗ ତାଙ୍କ ନାମରେ ହୋଇଛି। ନାନା ଅନିୟମିତତା ସତ୍ତ୍ୱେ ଉକ୍ତ ସରପଞ୍ଚଙ୍କୁ ବ୍ଲକର ପ୍ରଥମ ପୁରସ୍କାର କିଭଳି ପ୍ରଦାନ କରାଯାଇଛି ତାହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ବିଡିଓ ପରିଡାଙ୍କ ନିକଟରେ ଅଭିଯୋଗକାରୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ପ୍ରଫୁଲ କୁମାର ସାହୁଙ୍କୁ ପଚାରିବାରୁ, ତାଙ୍କ ପଞ୍ଚାୟତରେ ଏଭଳି କିଛି ଦୁର୍ନୀତି ହୋଇନାହିଁ ବୋଲି କହିବା ସହ ବିରୋଧୀ ତାଙ୍କୁ ବଦନାମ କରିବା ପାଇଁ ଏଭଳି ଚକ୍ରାନ୍ତ ଚଳାଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରସୁଲପୁର ବିଡିଓ ପରିଡାଙ୍କୁ ପଚାରିବାରୁ, ଏ ନେଇ ଏବିଡିଓଙ୍କ ନେତୃତ୍ୱରେ ଏକ ୪ଜଣିଆ ଦଳ ଗଠନ କରାଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି।

## ଆରମ୍ଭ ହେଲା ୬୫ତମ ଲକ୍ଷ୍ମୀନାରାୟଣ ଉତ୍ସବ

**ରସୁଲପୁର, ୧୬।୧୨ (ଡିଏନଏ)**

ଯାଜପୁର ଜିଲାର ପ୍ରସିଦ୍ଧ କୁଆଖିଆ ବଜାରର ୬୫ତମ ଗଜଉଦ୍ଧାରଣ ଉତ୍ସବ ସୋମବାରଠାରୁ ଆରମ୍ଭ ହୋଇଛି। ଧନୁ ସଂକ୍ରାନ୍ତି ଅବସରରେ ସନ୍ଧ୍ୟାରେ କଳସ ଶୋଭାଯାତ୍ରା କରାଯାଇଛି। ଲକ୍ଷ୍ମୀନାରାୟଣଙ୍କ ଚଳିତ ପ୍ରତିମାକୁ ଏକ ସୁସଜ୍ଜିତ ପାଲିଙ୍କିରେ ବସାଯାଇ ଜଳାଶୟ ନିକଟକୁ ନିଆଯାଇଥିଲା। ଲକ୍ଷ୍ମୀନାରାୟଣ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟଗଣ, ବ୍ୟବସାୟୀଗଣ, ଶ୍ରଦ୍ଧାଳୁଙ୍କ ଗହଣରେ ପ୍ରଭୁଙ୍କ ବଜାର ପରିକ୍ରମା କରାଯାଇଥିଲା। ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଓରାଳି ପୁଷ୍କରିଣୀରୁ ଜଳପୂର୍ଣ୍ଣ କଳସ ଅଣାଯାଇ ପ୍ରଭୁଙ୍କ ନିକଟରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ପରେ ପ୍ରଭୁଙ୍କୁ ଚକ୍ଷୁଦାନ କରାଯାଇଥିଲା। ଏହି ବିଶେଷ ପୂଜାର୍ଚ୍ଚନା ପରେ ପ୍ରଭୁଙ୍କୁ ସାଧାରଣ ଦର୍ଶନ ସକାଶେ ଦ୍ୱାର ଉନ୍ମୁକ୍ତ ହୋଇଥିଲା। ଶୋଭାଯାତ୍ରା ସମୟରେ ଭଜନ କୀର୍ତ୍ତନ, ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି, ବାଜା, ବାଣ ଶବ୍ଦରେ ପୂଜା ମଣ୍ଡପ କମ୍ପି ଉଠିଥିଲା। ରଙ୍ଗବେରଙ୍ଗ ଆଲୋକମାଳାରେ ସମଗ୍ର ବଜାର ଅଞ୍ଚଳ ଝଲସି ଉଠିଛି। ପୂଜାକାର୍ଯ୍ୟକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ସକାଶେ ବଜାର କମିଟି, ପୋଲିସ ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

## ବରୀ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦର ବାର୍ଷିକୋତ୍ସବ

**ବରୀ, ୧୬।୧୨ (ସ୍ୱ.ପ୍ର)**

ବରୀ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦର ୨୦ତମ ବାର୍ଷିକ ଉତ୍ସବ ସୋମବାର ଅଳିପୁରସ୍ଥିତ ମା' ସିଦ୍ଧେଶ୍ୱରୀପୀଠରେ ପାଳନ ହୋଇଯାଇଛି। ପରିଷଦ ସଭାପତି କୁଳମଣି ଶୁକ୍ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମସ୍ତ କର୍ମକର୍ତ୍ତା, ବରୀ ଅଞ୍ଚଳର ବରିଷ୍ଠ ନାଗରିଗ, ମହିଳା, ଯୁବତୀ, ଯୁବକମାନେ ଉପସ୍ଥିତ ଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ବରୀ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଏହି ଉତ୍ସବରେ ଗୁରୁତ୍ୱ ଦିଆଯାଇଛି। ପୂର୍ବ ବର୍ଷଗୁଡ଼ିକର କାର୍ଯ୍ୟାବଳୀ ଉପରେ ତର୍ଜମା କରାଯାଇ ଆଗାମୀ ବର୍ଷ ପାଇଁ ନୂତନ କାର୍ଯ୍ୟକ୍ରମ ପନ୍ଥା ଗ୍ରହଣ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। କୃଷି ଓ କୃଷକର ବିକାଶ ପାଇଁ ବରୀ ଅଞ୍ଚଳରେ ଏକ ଶୀତଳ ଭଣ୍ଡାର ଖୋଲିବାକୁ ପରିଷଦ ଦାବି କରିଆସୁଛି। ବରୀ ଅଞ୍ଚଳର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ମୁଖ୍ୟ ଦାବି ରହିଛି। ଗୁଣାତ୍ମକ ଶିକ୍ଷାର ପ୍ରବର୍ତ୍ତନ ପାଇଁ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କ ସହିତ ନିୟମିତ ସାକ୍ଷାତ କରି ପରିଷଦ ଆଲୋଚନା ଜାରି ରଖିବ ବୋଲି କହିଛି। ଏଥି ନିମନ୍ତେ ତୃଣମୂଳସ୍ତରରୁ ସଂଗଠନକୁ ମଜଭୁତ କରିବା ପାଇଁ ସଭାପତି ଶୁକ୍ଲ ଆହ୍ୱାନ ଦେଇଛନ୍ତି। ମକର ଧ୍ୱଜ ସାହୁ, ଭାଗୀରଥି ଦାସ ମହାପାତ୍ର, ବନ୍ଦିତା ଦାସ, ମାର୍କଣ୍ଡ ନାୟକ, କୁଞ୍ଜ ବିହାରୀ ଦାଶ, ଗୟାଧର ଦାସ, ଅନନ୍ତ ଚରଣ ଭୂୟାଁ, ମିତାରାଣୀ ଜେନା, ଅଜୟ ରଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରିଷଦ ସମ୍ପାଦକ ପ୍ରଶାନ୍ତ ପଢିଆରୀ ବିବରଣୀ ପାଠ କରିଥିଲାବେଳେ ସଦାଶିବ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଏତଲା ଦେଲେ ଚାଷୀ

**କୋରେଇ, ୧୬।୧୨ (ସ୍ୱ.ପ୍ର)**



ଚାଷୀମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କାଳିଆ ଯୋଜନାରେ ଚାଷୀଙ୍କୁ ୧୦ ହଜାର ଲେଖାଏଁ ଟଙ୍କା ଦିଆଯିବ ବୋଲି ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତିରୁ ଓହରି ଚାଷୀଙ୍କୁ ମାତ୍ର ୪ହଜାର ଧରାଇ ପ୍ରତାରଣା କରିଛନ୍ତି ବୋଲି ଅଭିଯୋଗ କରିଛି ନବନିର୍ମାଣ କୃଷକ ସଂଗଠନ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀଙ୍କୁ ସିଧାସଳଖ ଠକିଥିବା ଅଭିଯୋଗ କରି ସୋମବାର ଶତାଧିକ ଚାଷୀ ତାଙ୍କ ବିରୋଧରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏତଲା ପ୍ରଦାନ କରିଛନ୍ତି। ଏସ୍‌ପିଙ୍କ ଅନୁପସ୍ଥିତିରେ ହେଡକ୍ୱାର୍ଟର ଡିଏସ୍‌ପି ବିଜୟ କୁମାର ମଲ୍ଲିକଙ୍କୁ ଏତଲା ପ୍ରଦାନ କରାଯାଇଥିଲା। ସୂଚନା ଯେ, ମୁଖ୍ୟମନ୍ତ୍ରୀ ନିର୍ବାଚନ ପୂର୍ବରୁ କାଳିଆ ଯୋଜନା ଘୋଷଣା କରିଥିଲେ। ଖରିଫ ଓ ରବି ଋତୁରେ ୨ଟି କିସ୍ତିରେ ୫ହଜାର ଲେଖାଏଁ ୧୦ହଜାର ଟଙ୍କା ଯୋଗାଇବା ସହ ଏହାକୁ କେହି ବନ୍ଦ କରିପୋରିବେନି ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ହେଲେ ଅଯୋଗ୍ୟ ହିତାଧିକାରୀଙ୍କ ଜମାଖାତାକୁ ଟଙ୍କା ଯାଇଥିବାବେଳେ ପ୍ରକୃତ ହିତାଧିକାରୀ ଏଥିରୁ ବାଦ୍ ପଡିଛନ୍ତି। ନିର୍ବାଚନ ଜିତିବା ପରେ ଦେଇଥିବା ପ୍ରତିଶ୍ରୁତିରୁ ରାଜ୍ୟ ସରକାର ଓହରି ସିଧା ସଳଖ ୧୦ ହଜାର ବଦଳରେ ୪ହଜାର ଟଙ୍କା ଦେବାକୁ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ସିଧାସଳଖ ଠକିଛନ୍ତି ବୋଲି କୃଷକ ସଂଗଠନ ଅଭିଯୋଗ କରିଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଏତଲା ଦେବାକୁ ସ୍ଥିର କରି ପାଣିକୋଇଲି ଖେଳ ପଡିଆରୁ ଶତାଧିକ ଚାଷୀ ଏକ ଶୋଭଯାତ୍ରାରେ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଠକେଇ ମାମଲା ରୁଜୁ କରିବାକୁ ଦାବି କରିଥିଲେ। ସଂଗଠନର ସହସଂଯୋଜକ ବସନ୍ତ କୁମାର ନାୟକ, ଅଶୋକ ଶାନ୍ତି ଓ ବ୍ଲକ ସଂଯୋଜକ ଲକ୍ଷ୍ମୀଧର ସାହୁ, ମାଧବ ଶାନ୍ତି, ସନାତନ ସାହୁ, ପ୍ରତାପ ନାୟକ, ମୁକୁନ୍ଦ ମହାନ୍ତି, ସୁବାସ ଖଣ୍ଡାଇ, ଅଜୟ ରାଉତ, ନଗେସ ଜେନା, ସୁଜୟ ଭୂୟାଁ, ଅନନ୍ତ ମହାନ୍ତି, ଚୌଧୁରୀ ଜେନା ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିବାବେଳେ ଶତାଧିକ ଚାଷୀ ଯୋଗ ଦେଇଥିଲେ।

## ସଂକ୍ଷେପରେ

### କୃଷ୍ଣଚନ୍ଦ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା
### ପରିବାର ପକ୍ଷରୁ ପୋଲିସକୁ ଦୁଇଟି ଚିଠି ହସ୍ତାନ୍ତର

ରାଜନଗର,୧୬।୧୨(ଡି.ଏନ.ଏ.)

ଭୁବନେଶ୍ୱରର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରାଜନଗର ଅଞ୍ଚଳର କୃଷ୍ଣଚନ୍ଦ୍ର ସାହୁ ନାମକ ଜଣେ ଯୁବକଙ୍କ ଶନିବାର ମୃତ୍ୟୁ ଘଟିଥିଲା । ତାଙ୍କ ଘର ରାଜନଗର ଥାନା ଅନ୍ତର୍ଗତ ମାଣପଡା ଗାଁରେ । ଯୁବକ ଜଣକ ବିଷ ପିଇ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ତାଙ୍କ ପେଟରେ ଗଭୀର କ୍ଷତଚିହ୍ନ ଥିବା ଘଟଣାକୁ ରହସ୍ୟାବୃତ୍ତ କରିଥିଲା । ଏଭଳି ପରିସ୍ଥିତିରେ କୃଷ୍ଣଙ୍କ ପୁଅ ସୋମବାର ବାପା ମରିବା ପୂର୍ବରୁ ଲେଖିଥିବା ଦୁଇଟି ଚିଠି ଆଣି ରାଜନଗର ଥାନା ଆଇଆଇସି ତପନ କୁମାର ନାୟକଙ୍କୁ ଦେଇଛନ୍ତି । ଏଥିରୁ ଗୋଟିଏ ଚିଠି କୃଷ୍ଣ ରାଜନଗର ଥାନା ପୋଲିସଙ୍କ ଉଦ୍ଦେଶ୍ୟରେ ଲେଖିଥିବା ବେଳେ ଅନ୍ୟଟି ସେ ନିଜ ବଡଭାଇଙ୍କ ପାଖକୁ ଲେଖିଛନ୍ତି । ଏହି ଚିଠିରେ ଉଲ୍ଲେଖ ଅଛି ଯେ, ସେ ସ୍ତ୍ରୀଙ୍କ ସହ କେନ୍ଦୁଝରରେ ଥିଲେ । ସ୍ତ୍ରୀଙ୍କ ଦେହ ଭଲ ନ ଥିଲା । ତେଣୁ ତାଙ୍କୁ ଡାକ୍ତର ଦେଖାଇବା ପାଇଁ ସେ ନିକଟରେ କେନ୍ଦୁଝରରୁ ଫେରୁଥିଲେ । କିନ୍ତୁ ବାଟରେ ସେ ଭୁଲବଶତଃ ଯେଉଁଠି ଓହ୍ଲାଇବା କଥା ନ ଓହ୍ଲାଇ ପୂର୍ବ ଷ୍ଟେସନରେ ଓହ୍ଲାଇ ପଡିଥିଲେ । ଏହାପରେ ଟ୍ରେନରେ ବସିଥିବା ସ୍ତ୍ରୀ କାମିନୀ କେଉଁଆଡେ ଚାଲିଗଲେ ତାଙ୍କ ପତ୍ତା ସେ ପାଇ ନ ଥିଲେ । ଫଳରେ ନିଜକୁ ଦୋଷୀ ମନେ କରି କୃଷ୍ଣଚନ୍ଦ୍ର ଗତ ୧୨ ତାରିଖରେ ବିଷ ପିଇବା ସହ ପେଟରେ ଛୁରୀ ଭୁସି ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ ବୋଲି ଚିଠିରେ ଉଲ୍ଲେଖ ରହିଛି । ମୁମୂର୍ଷ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ପରେ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ଅନ୍ୟ ଚିଠିରେ ସେ ତାଙ୍କ ଭାଇଙ୍କୁ ନିଜ ପିଲାମାନଙ୍କ ଦାୟିତ୍ୱ ନେବା ପାଇଁ ନିବେଦନ କରିଛନ୍ତି । ପୋଲିସ ଏହି ଦୁଇଟି ଚିଠି ପାଇବା ପରେ ଖୋଳତାଡ ଆରମ୍ଭ କରିଛି । କୃଷ୍ଣଙ୍କ ସ୍ତ୍ରୀ କାମିନୀ ମୃତ କି ଜୀବିତ ସେ ନେଇ ଅଦ୍ୟାବଧି ଜଣାପଡିନାହିଁ ।

### ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଚେତାବନୀ

ମାର୍ଶାଘାଇ ୧୬।୧୨ ( ଡି.ଏନ୍.ଏ.)

ମାର୍ଶାଘାଇ ଓ ମହାକାଳପଡ଼ା ଅଞ୍ଚଳର ଟ୍ରାକ୍ଟର ମାଲିକ ସଂଘ ବୈଠକ ମଙ୍ଗଳବାର ଗିରଙ୍ଗ ମୋହନ ମୁରଲୀ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଧ୍ରୁବକିଶୋର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଟ୍ରାକ୍ଟରରେ ମାଲ ପରିବହନ ନେଇ ବିଭିନ୍ନ ସମୟରେ ପ୍ରଶାସନ ପକ୍ଷରୁ ହଇରାଣ କରାଯାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ବଡ଼ ବଡ଼ ବାଲି ସୈରାତରେ ହାଇୱା, ପୋକଲିନ୍ ମାଧମରେ କୋଟି କୋଟି ଟଙ୍କାର ବାଲି ଚାଲାଣ ହେଉଥିବା ବେଳେ ଟ୍ରାକ୍ଟର ପ୍ରତି ପ୍ରଶାସନର ଜୁଲମ ବଢି ଚାଲିଥିବା ନେଇ ସଂଘ ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରଶାସନର ଜୁଲମ ବନ୍ଦ ନ ହେଲେ ଆଗାମୀ ଦିନରେ ଟ୍ରାକ୍ଟର ଚଳାଚଳ ବନ୍ଦ କରାଯିବା ସହ ଏବଂ ମାଲ ପରିବହନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଠପ୍ କରି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ସେମାନେ ଚେତାବନୀ ଦେଇଥିଲେ। ବୈଠକରେ ସମ୍ପାଦକ ନିଗମ ପ୍ରସାଦ ରଥ, ସଭ୍ୟ କୈଳାସ ଚନ୍ଦ୍ର ରଥ, କୈଳାସ ସ୍ୱାଇଁ, ଜିତେନ୍ଦ୍ର ରାଉତ, ନୃସିଂହ ମହାପାତ୍ର, ଗଣେଶ ଲେଙ୍କା, ପ୍ରିୟରଞ୍ଜନ ଦାସ, ନିର୍ମଳ କୁମାର ପତି, ସୁଜାତା ଲେଙ୍କା, ମନ ଦଳାଇ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ପୋତି ହେଉଛି ମହାନଦୀ ମୁହାଣ

- ନଦୀର ସ୍ଥାନେ ସ୍ଥାନେ ସୃଷ୍ଟି ହେଉଛି କୁଦ
- ଦୁର୍ଘଟଣାଗ୍ରସ୍ତ ହେଉଛି ବୋଟ୍
- ସମୁଦ୍ରକୁ ନିଷ୍କାସିତ ହୋଇପାରୁନି ବର୍ଷାଜଳ

ମହାକାଳପଡା, ୧୬।୧୨ (ଡି.ଏନ୍.ଏ.)



ମହାକାଳପଡା ବ୍ଲକର ଅଧିକାଂଶ ଲୋକ ଚାଷ କରିବା ଓ ମାଛ ଧରି ପରିବାର ପ୍ରତିପୋଷଣ କରିଥାନ୍ତି। ବ୍ଲକ ଅଧୀନ ପ୍ରାୟ ୧୦ ପଞ୍ଚାୟତ ଦେଇ ପ୍ରବାହିତ ମହାନଦୀ ଉଭୟ ଚାଷ ଓ ମାଛଧରାରେ ଅଞ୍ଚଳବାସୀଙ୍କ କାମରେ ଲାଗିଥାଏ। ବ୍ଲକ ଅଧୀନ ବତୀଘର, ଖରିନାସୀ, ରାମନଗର, ପେଟ୍‌ଛେଲା, ବରକନ୍ଧା, ଗଡରୋମିତ, ପାଟଳିପଙ୍କ, ଖୁରସିଆ ଓ ତିଖିରି ଆଦି ପଞ୍ଚାୟତବାସୀ ମହାନଦୀରେ ମାଛ ଧରିବା ସହ ଏହାର ଜଳକୁ ଚାଷ କ୍ଷେତକୁ ମଡାଇବା ଓ ସହ କେତେକ ଏହାର ଜଳକୁ ପାନୀୟ ଭାବେ ମଧ୍ୟ ବ୍ୟବହାର କରିଥାନ୍ତି। କେବଳ ବର୍ଷାଋତୁରେ ମହାନଦୀରେ ମଧୁର ଜଳ ପ୍ରବାହିତ ହେଉଥିବା ବେଳେ ଅନ୍ୟଦିନେ ସମୁଦ୍ର ଜୁଆର ପାଣି ନଦୀରେ ପଶୁଛି। ଏଥିଯୋଗୁ ଲୋକମାନେ ଅସୁବିଧା ଭୋଗୁଛନ୍ତି। ଅନ୍ୟପଟେ ହେଟାମୁଣ୍ଡିଆ ସଂରକ୍ଷିତ ଜଙ୍ଗଲ ନିକଟରେ ମହାନଦୀ ସମୁଦ୍ରରେ ମିଶିଛି। ଉପରମୁଣ୍ଡରୁ ପାଣି ଆସିଲେ ଏହି ପଟ ଦେଇ ସମୁଦ୍ର ମଧକୁ ଛଡ଼ାଯାଏ। ହେଲେ ଏବେ ନଦୀର ବିଭିନ୍ନ ସ୍ଥାନରେ ପଟୁମାଟି ଓ ବାଲି ଜମାଟ ବାନ୍ଧି କୁଦ ସୃଷ୍ଟି ହେବା ଫଳରେ ଉପର ମୁଣ୍ଡରୁ ପାଣି ଆସିଲେ ସମୁଦ୍ରକୁ ନିଷ୍କାସିତ ହେବାରେ ଅସୁବିଧା ହେଉଛି।

ଏହାଛଡ଼ା ବିଭିନ୍ନ ସ୍ଥାନରେ କୁଦ ସୃଷ୍ଟି ହୋଇଥିବାରୁ ମାଛ ମାରିବାକୁ ଯାଉଥିବା ମତ୍ସ୍ୟଜୀବୀମାନଙ୍କ ଡଙ୍ଗା ଦୁର୍ଘଟଣାଗ୍ରସ୍ତ ହେଉଛି। ମହାକାଳପଡ଼ା ବ୍ଲକ ଅଞ୍ଚଳରୁ ଶତାଧିକ ଶ୍ରମିକ ପାରାଦୀପ ଶିଳ୍ପାଞ୍ଚଳକୁ ଯାଉଥିବା ବେଳେ ସମୁଦ୍ରରେ ଭଟ୍ଟା ପଡ଼ିଗଲେ ନଦୀରେ ପାଣି ରହୁନି। ଫଳରେ ଶ୍ରମିକମାନଙ୍କୁ ଅନେକ ବାଟ ବୁଲି ବୁଲି ଯିବାକୁ ପଡୁଛି। ସେହିପରି ମହାନଦୀ ପାର୍ଶ୍ୱ ରାମନଗର ପଞ୍ଚାୟତର ବାହାକୁଦ ଗ୍ରାମ ଓ ପାରାଦୀପ ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ଫେରିଘାଟ ନିକଟରେ ପଟୁ ପଙ୍କ ଓ ବାଲି ଗଚ୍ଛିତ ହୋଇ ମହାନଦୀ ଦୁଇ ଭାଗରେ ବିଭକ୍ତ ହୋଇଛି। ଫଳରେ ଆଖଡାସାହିଠାରେ ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ନଦୀଭିତ୍ତିକ ବନ୍ଦର ଖନନ ଓ ନିର୍ମାଣରେ ବାଧକ ସୃଷ୍ଟି ହେବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ମହାନଦୀର ମୁହାଣ ଓ ଅନ୍ୟ କେତେକ ସ୍ଥାନ ପୋତି ହୋଇପଡ଼ିବା ଯୋଗୁ ସମସ୍ୟା ସୃଷ୍ଟି ହେଉଛି। ଆଗାମୀ ଦିନରେ ମହାନଦୀ ଉପରେ ନିର୍ଭର କରୁଥିବା ଶତାଧିକ ଫସଲ କ୍ଷେତକୁ ଜଳସେଚନ ପାଇଁ ଅସୁବିଧା ସୃଷ୍ଟି ହେବ। ଏ ସମ୍ପର୍କରେ ପରିବେଶବିତ୍ ସମରେନ୍ଦ୍ର ମାହାଳି କୁହନ୍ତି, ଜଳବାୟୁ ପରିବର୍ତ୍ତନ, ସମୁଦ୍ର ଜୁଆର ଓ ଭଟ୍ଟା ସମୟରେ ତାରତମ୍ୟ ନ ରହିବା ନଦୀର ଉପର ମୁଣ୍ଡରେ ନଦୀବନ୍ଧ (ବ୍ୟାରେଜ) ନିର୍ମାଣ ଯୋଗୁ ମୁଖ୍ୟ ଜଳସ୍ରୋତ ହ୍ରାସ ଘଟି ପଠା ସୃଷ୍ଟି ହେଉଛି। ତେବେ ମୁହାଣ ଓ ପଠା ଖନନ କରାଯାଇ ମହାନଦୀକୁ ଚିରସ୍ରୋତା କରିବାକୁ ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସୁବାସ ସ୍ୱାଇଁ, ବିକାଶ ଦେବନାଥ, ସୁବାସ ବିଶ୍ୱାସ ଓ ସମୀର ମିସ୍ତ୍ରି ପ୍ରମୁଖ ଦାବି କରିଛନ୍ତି।

### ପୂର୍ବ ବିବାଦରୁ ଘର ପୋଡ଼ି, ଥାନାରେ ମାମଲା

ପଟ୍ଟାମୁଣ୍ଡାଇ, ୧୬।୧୨ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଥାନା ଅଧୀନ ବଡ଼ମୂଳବସନ୍ତ ପଞ୍ଚାୟତ ପୋହଳ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ନିତ୍ୟାନନ୍ଦ ବେହେରା ଓ ଦୟାନିଧି ମଲ୍ଲିକଙ୍କ ୩ ବଖରା ପୋଡ଼ି ଯାଇଛି। ପୂର୍ବବିବାଦରୁ ଘରେ ନିଆଁ ଲଗାଇ ଦିଆଯାଇଥିବା ନେଇ ଉଭୟେ ପରସ୍ପର ବିରାଧରେ ଥାନାରେ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ପୋଲିସ ସୋମବାର ତଦନ୍ତ କରି ଫେରିଛି। ପ୍ରକାଶ ଯେ, ଏକ ସରକାରୀ ଜମିରେ ଘର ନିର୍ମାଣ କରିବାକୁ ନେଇ ନିତ୍ୟାନନ୍ଦ ଓ ଦୟାନିଧିଙ୍କ ମଧ୍ୟରେ ବିବାଦ ଥିଲା। ତେବେ ନିତ୍ୟାନନ୍ଦ ଘର ଭାଙ୍ଗିବା ପାଇଁ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ହାଇକୋର୍ଟଙ୍କ ରାୟ ପରେ ସ୍ଥାନୀୟ ତହସିଲଦାର ପୋଲିସ ସହାୟତାରେ ୨୦ ଦିନ ତଳେ ଦୟାନିଧିଙ୍କ ଘର ଭାଙ୍ଗି ଦେଇଥିଲେ। ଏହାପରେ ବିବାଦ ଘନୀଭୂତ ହୋଇଥିବା ବେଳେ ରବିବାର ରାତ୍ରିରେ ଦୟାନିଧିଙ୍କ ୨ ବଖରା ଓ ନିତ୍ୟାନନ୍ଦଙ୍କ ଗୋଟିଏ ବଖରାରେ ନିଆଁ ଲାଗିଯାଇଥିବା ଅଭିଯୋଗ ହୋଇଛି। ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## କେନ୍ଦ୍ରାପଡାରେ ବିଜୟ ଉତ୍ସବ ପାଳିତ



ବିଜୟ ଉତ୍ସବରେ ଅତିଥିମାନେ।

କେନ୍ଦ୍ରାପଡା ଅଫିସ, ୧୬।୧୨

୧୯୭୧ ମସିହା ଡିସେମ୍ବର ୧୬ ତାରିଖ ଭାରତୀୟ ଯବାନ ଓ ଦେଶବାସୀଙ୍କ ପାଇଁ ସ୍ମରଣୀୟ ଦିବସ । ଏହି ଦିବସରେ ବାଂଲାଦେଶ ମୁକ୍ତିବାହିନୀ ଓ ପୂର୍ବ ପାକିସ୍ତାନର ଜବାନଙ୍କୁ ଭାରତୀୟ ଯବାନ ପରାସ୍ତ କରିଥିଲେ । ବାଂଲାଦେଶର ଢାକା ଠାରେ ଭାରତ ଓ ବାଂଲାଦେଶ ଯୁଗ୍ମସେନାର କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଜଗଜିତ ସିଂ ଆରୋରାଙ୍କ ନିକଟରେ ପାକିସ୍ତାନର ମାର୍ଶାଲ ଲ ଆଡମିନ୍‌ଷ୍ଟ୍ରେଟର, ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏ. ଏ. କେ. ନିଆଜି ୯୨ ହଜାର ପାକିସ୍ତାନୀ ସୈନିକଙ୍କ ସହ ଆତ୍ମସମର୍ପଣ କରିଥିଲେ । ଏହି ବିଜୟ ଉତ୍ସବକୁ ସୋମବାର କେନ୍ଦ୍ରାପଡା ଜିଲା ପୂର୍ବତନ ସୈନିକ ସଂଘ ପକ୍ଷରୁ ଉତ୍ସାହର ସହ ପାଳନ କରାଯାଇଛି। ସହରର ପୁରୁଣା ବସଷ୍ଟାଣ୍ଡ ଠାରେ ସଂଘ ସଭାପତି ଅଭୟ ପ୍ରସାଦ ପାଣିଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନଜୀବୀ ଦେବଦାସ ମହାନ୍ତି, ଶିକ୍ଷାବିତ ଅଜୟ କୁମାର ରାଉତ, ଭବାନୀପ୍ରସାଦ ଓଝା, ସମ୍ପାଦକ ମହେଶ୍ୱର କର, ହରିହର ସାମଲ, କ୍ୟାପଟେନ ସୁରେନ୍ଦ୍ର କୁମାର ସାହୁ, ମେଜର ଭରତ ଚନ୍ଦ୍ର ଜେନା, ବୀରବର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଘ କାର୍ଯ୍ୟକର୍ତ୍ତା ଶଶିକାନ୍ତ ନାଥ, ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

## ଶିକ୍ଷକ-ଅଭିଭାବକ ବୈଠକ

ପଟ୍ଟାମୁଣ୍ଡାଇ, ୧୬।୧୨ (ସ୍ୱ.ପ୍ର.):

ପଟ୍ଟାମୁଣ୍ଡାଇ ମହିଳା କଲେଜର ଓଡ଼ିଆ ବିଭାଗ ପକ୍ଷରୁ ଅଭିଭାବକ ବୈଠକ କଲେଜ ପରିସରରେ ସୋମବାର ଅନୁଷ୍ଠିତ ହୋଇଥିଲା । ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପକ ଶ୍ରୀଧର ବେହେରା ବୈଠକରେ ସଭାପତିତ୍ୱ କରିଥିଲେ। ବୈଠକରେ ଯୁକ୍ତ ୨ କଲେଜ ଅଧକ୍ଷ ଅଜୟ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଓଡ଼ିଆ ଭାଷା ସାହିତ୍ୟର ମାନବୃଦ୍ଧି ସହିତ କଲେଜର ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। କଲେଜର ଉନ୍ନତୀ ପାଇଁ ଅଭିଭାବକମାନେ ସହଯୋଗର ହାତ ବଢ଼ାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଯୁକ୍ତ ୩ ଡିଗ୍ରୀ କଲେଜ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଶେଷରେ କଲେଜ ଛାତ୍ରୀ ମଧୁସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।

## ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ପ୍ରଶିକ୍ଷଣ

ପାଟକୁରା, ୧୬।୧୨ (ଡି.ଏନ୍.ଏ.)




ପ୍ରଶିକ୍ଷଣ ଶିବିରରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଗରଦପୁର ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ଗ୍ରାମ୍ୟ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଗରଦପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଧରଣୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ସହାୟତାରେ ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ସଦସ୍ୟା ସୁଜାତା ରାଉତରାୟ, ଅହଲ୍ୟା ଲେଙ୍କା, ସନ୍ତୋଷ ଜେନା ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ କର୍ମଚାରୀ ରଞ୍ଜିତ କୁମାର ନାୟକଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ସଂଗଠନ 'ଜୟଭାରତୀ'ର ଚେୟାରମ୍ୟାନ ନିରଞ୍ଜନ ସାହୁ, ସୃଜନୀର ଚେୟାରମ୍ୟାନ ନିରଞ୍ଜନ ସ୍ୱାଇଁ ଓ ପ୍ରଫୁଲ୍ଲ କୁମାର ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବନ୍ୟା, ବାତ୍ୟା ଓ ଭୂମିକମ୍ପ ଇତ୍ୟାଦି ବିପର୍ଯ୍ୟୟ ପୂର୍ବରୁ ସତର୍କ ରହିବା ଓ ବିପର୍ଯ୍ୟୟ ସମୟରେ ବିପନ୍ନମାନଙ୍କୁ ସହାୟତା କରିବା ପାଇଁ ଗୋଷ୍ଠୀ ଗଠନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ଲକର ୧୮ ପଞ୍ଚାୟତ ଅଧୀନ ୧୩୬ ଗ୍ରାମରେ ଗୋଷ୍ଠୀ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଗ୍ରାମବାସୀଙ୍କୁ ଏକତ୍ର କରି ଗୋଷ୍ଠୀ ସୁରକ୍ଷା ଯୋଜନା ସମ୍ପର୍କରେ ବିଶଦ ଆଲୋଚନା କରିବା ଓ ଗ୍ରାମ ବିପର୍ଯ୍ୟୟ ମୁକାବିଲା କମିଟି ଗଠନ କରିବା ସହ ୮ କାର୍ଯ୍ୟକାରୀ ଦଳ ଗଠନ, ଗ୍ରାମର ସାମାଜିକ ବିପଦପୂର୍ଣ୍ଣ ଓ ସୁରକ୍ଷିତ ସ୍ଥାନର ନକ୍ସା ପ୍ରସ୍ତୁତ କରିବା, ପଲ୍ଲିସଭାରେ ଯୋଜନାକୁ ଅନୁମୋଦନ କରିବା, ବର୍ଷରେ ୨ ଥର ସଚେତନତା ପାଇଁ ପ୍ରତୀକ ପ୍ରଦର୍ଶନ କରାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଡେରାବିଶ ହାଇସ୍କୁଲ ୧୯୮୪ ବ୍ୟାଚ୍ ବନ୍ଧୁ ମିଳନ



ଉତ୍ସବରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷକମାନେ।

ଡେରାବିଶ, ୧୬।୧୨ (ସ୍ୱ.ପ୍ର.)

ଡେରାବିଶ ହାଇସ୍କୁଲର ୧୯୮୪ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍‌ସବ ସୋମବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀବତ୍ସ ପ୍ରସାଦ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଛାତ୍ରୀଛାତ୍ରମାନେ ପୁରାତନ ଶିକ୍ଷୟିତ୍ରୀଶିକ୍ଷକଙ୍କ ପୂଜା କରିଥିଲେ। ଉତ୍ସବରେ ପୁରାତନ ଶିକ୍ଷକ କରୁଣାକର ପାଢ଼ୀ, ଦାମୋଦର ଦାସ, କାର୍ତ୍ତିକ ଚନ୍ଦ୍ର ବେହେରା, ନିରଞ୍ଜନ ରଥ, ରତ୍ନାକର ନାୟକ, ଉତ୍ତମା ସୁନ୍ଦରୀ ସାମଲ, ଶୁଭଲକ୍ଷ୍ମୀ ଦାସ, ଅଲେଖ ଚନ୍ଦ୍ର ସାମଲ ଓ କାର୍ଯ୍ୟରତ ଶିକ୍ଷକ ସୁବାସ ଚନ୍ଦ୍ର କର, ବାସନ୍ତି ଆଚାର୍ଯ୍ୟ, ରାକେଶ ରୋଶନ ସାହୁ, ରମାକାନ୍ତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଦିବଂଗତ ଶିକ୍ଷକ ଓ ସହପାଠୀଙ୍କ ଉଦ୍ଦେଶ୍ୟରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରାକ୍ତନ ଛାତ୍ର ତ୍ରିଲୋଚନ ସାହୁ, ମଳୟ କୁମାର ରାଉତ, ସଂଗ୍ରାମ ସିଂହ, ମିର୍ଜା ଫିରୋଜ ବେଗ, ପ୍ରସନ୍ନ ବେହେରା, ଉତ୍ସବ ଆୟୋଜନ କରିଥିଲେ। ଜନାର୍ଦ୍ଦନ ରଥ ମଞ୍ଚ ପରିଚାଳନା କରିଥିଲେ।

## ଜବତ ବାଛୁରୀ ଛଡାଯିବା ଯୋଗୁ ଗୋରକ୍ଷଣୀ ସମସ୍ୟା ବଢୁଛି

ଡେରାବିଶ,୧୬।୧୨(ସ.ପ୍ର.)

ନିକଟରେ ଚୋରା ଚାଲାଣ ହେଉଥିବା ବାଛୁରୀଗୁଡିକୁ ପୋଲିସ ଜବତ କରି ଡେରାବିଶ ବ୍ଲକ କାଉପଡା ଗ୍ରାମ ପଞ୍ଚାୟତ ଅଧୀନ ନିଳିକଣା ଗ୍ରାମରେ ଥିବା ଶ୍ରୀସିଦ୍ଧ ବଳଦେବଜୀଉ ଗୋରକ୍ଷଣୀରେ ଛାଡି ଦେଇଛି । ଫଳରେ ବାଛୁରୀଙ୍କ ରକ୍ଷଣାବେକ୍ଷଣ ନେଇ ନା ନା ସମସ୍ୟା ଦେଖାଦେଇଛି । ପ୍ରକାଶ ଯେ, କେନ୍ଦ୍ରାପଡା ସଦର ଥାନା ପୋଲିସ ଗତ ଦଶ ଦିନ ତଳେ ରାତି ଅଧରେ ଏକ ଗୋରୁ ବୋଝେଇ ଭ୍ୟାନ ଜବତ କରିଥିଲେ । ସେହି ଗାଡିରେ ୮ଟି ବାଛୁରୀ ଥିଲେ । ଜବତ ହୋଇଥିବା ଭ୍ୟାନକୁ ସଂପୃକ୍ତ ମାଲିକ ଥାନାରୁ ମୁକୁଳାଇ ନେଇଥିବା ବେଳେ ବାଛୁରୀ ଫେରାଇ ନେଇ ନ ଥିଲେ । ସେହିଦିନ ଅନୁରୂପ ଭାବରେ ପଟ୍ଟାମୁଣ୍ଡାଇ ଥାନା ପୋଲିସ ଚୋରାରେ ଅନ୍ୟତ୍ର ଚାଲାଣ ହେଉଥିବା ୮ଟି ବାଛୁରୀ ଜବତ କରି ଗୋରକ୍ଷଣୀରେ ଜିମା ଦେଇଥିଲା। ଉକ୍ତ ଗୋରକ୍ଷଣୀ ପରିଚାଳନା ପାଇଁ କୌଣସି ସରକାରୀ ଅନୁଦାନ ମିଳୁନାହିଁ । ଏପରି ପରିସ୍ଥିତିରେ ୧୬ଟି ଅଧିକ ବାଛୁରୀ ପାଳନ ପାଇଁ ପ୍ରତ୍ୟେକ ଦିନ ଛଣ,ଚୋକଡ,କୁଣ୍ଡା ପ୍ରଭୃତି କିଣିବା ଏବଂ ସେମାନଙ୍କ ସେବାଯତ୍ନ ନିଆଯିବା ଉକ୍ତ ଗୋରକ୍ଷଣୀ ପାଇଁ ଅତିରିକ୍ତ ବୋଝ ପାଲଟିଛି । ସଦର ଥାନାକୁ ଯୋଗାଯୋଗ କଲେ ସାମାନ୍ୟ କିଛି ସାହାଯ୍ୟ ମିଳୁଥିଲେ ହେଁ ଏ ନେଇ କର୍ତ୍ତୃପକ୍ଷ ନୀରବ ରହିବା ଦେଖିବାକୁ ମିଳୁଛି । ଫଳରେ ଗୋରକ୍ଷଣୀର ସମସ୍ୟା ବଢି ଚାଲିବା ସାଙ୍ଗକୁ କ୍ଷତି ବଢି ଚାଲିଛି । ଅଧିକ ଗୋରୁଗାଈଙ୍କୁ ସମ୍ଭାଳି ନ ପାରି ପୂର୍ବରୁ ଗୋରକ୍ଷଣୀରେ ଥିବା ଗୋ ସେବକ ଏହା ମଧ୍ୟରେ ସ୍ଥାନ ଛାଡି ପଳାଇ ଯାଇଥିବା ଜଣାଯାଇଛି । ଏହି କାରଣରୁ ଗୋରକ୍ଷଣୀ ପରିଚାଳକଙ୍କ ଚିନ୍ତା ବଢିଛି । ୧୫ରୁ ଅଧିକ ଗୋରୁ ରଖିବାକୁ ଘର ନ ଥିବାରୁ ପାଲ ତଳେ ସେମାନଙ୍କୁ ବାନ୍ଧିବା ପାଇଁ ଅନୁଷ୍ଠାନ ବାଧ ହୋଇଛି । ତେଣୁ ତୁରନ୍ତ ଜବତ ବାଛୁରୀଙ୍କୁ ଫେରାଇ ନେବାକୁ ଗୋରକ୍ଷଣୀର ପରିଚାଳକ ବଟକୃଷ୍ଣ ପ୍ରଧାନ ଅନୁରୋଧ କରିଛନ୍ତି । ଏ ସଂକ୍ରାନ୍ତରେ ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି,ସରକାର ସାଧାରଣ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ ଗୋରକ୍ଷଣୀର ଉପଯୁକ୍ତ ରକ୍ଷଣାବେକ୍ଷଣ ତଥା ଉନ୍ନତିକରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ । ଏ ନେଇ ତୁରନ୍ତ ପଦକ୍ଷେପ ନେବା ପାଇଁ ମହାପାତ୍ର ଜିଲା ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି ।

## ଆଧ୍ୟାତ୍ମିକ ପ୍ରବଚନ

ପଟ୍ଟାମୁଣ୍ଡାଇ, ୧୬।୧୨ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ଗ୍ରାମସ୍ଥିତ ଶ୍ରୀବାସୁଦେବ ମଠରେ ୩ ଦିନ ବ୍ୟାପି ହରିବଂଶ ପଠନ ଓ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିବଂଗତ ପରମେଶ୍ୱର ରାଉତଙ୍କ ୨୦ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଶିଷ୍ଟ ପାଲା ଗାୟକ ଦତ୍ତକୃଷ୍ଣ ପଣ୍ଡା ଉଦ୍‌ଘାଟନ କରିଥିଲେ। ଯୁବ ସମାଜ ଭାଗବତର ଧାର୍ମିକ ଭାବଧାରାରେ ନିଜକୁ ସମର୍ପଣ କରି ସୁସ୍ଥ ଓ ଠିକ୍ ମାର୍ଗରେ ପରିଚାଳିତ ହେବାକୁ ପ୍ରବଚକମାନେ ପରାମର୍ଶ ଦେଇଥିଲେ। ୨ୟ ସନ୍ଧ୍ୟାରେ ପଣ୍ଡିତ ନିରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ପାଲାଗାୟକ ବସନ୍ତ କୁମାର ବେହେରା ଭାଗବତ ଶାସ୍ତ୍ର ଆଲୋଚନା କରିଥିଲେ। ସଙ୍ଗୀତଜ୍ଞ ନବୀନ ଚନ୍ଦ୍ର ବାରିକ, ପ୍ରାଧ୍ୟାପକ ଅରୁଣ କୁମାର ଦାଶ, ପତିତପାବନ ଦାସ, ବାୟକ ଗୌରାଙ୍ଗ ପ୍ରଧାନ, ରାମଚନ୍ଦ୍ର ଗାହାଣ, ତବଲା ବାଦକ କେଦାର ପୁହାଣ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଳିରେ ଜିଲାପାଳଙ୍କ ଜନଶୁଣାଣି ଶିବିର

ଆଳି, ୧୬।୧୨ (ଡି.ଏନ୍.ଏ.)



ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

ଆଳି ପଞ୍ଚାୟତ ସମିତି ସଭାଗୃହରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଆବାସ ଯୋଜନାରେ ଘର ପାଇବା ପାଇଁ ୧୧୧ଟି ଅଭିଯୋଗ ହୋଇଥିବା ବେଳେ ରାଶନକାର୍ଡ ମିଳୁ ନ ଥିବା ନେଇ ୪୭ ଜଣ ଅଭିଯୋଗ କରିଥିଲେ। ସେହିପରି ୨୭ ଜଣ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ଓ ଭତ୍ତା ନ ମିଳୁ ନ ଥିବା ନେଇ ଅଭିଯୋଗ ହୋଇଥିଲା। ଆଳି ନୂଆବଜାରରୁ ପରିବା ମାର୍କେଟ ଦେଇ ଯାଇଥିବା ରାସ୍ତାର ଉନ୍ନତୀକରଣ, ଆଳି ହାଇସ୍କୁଲ ଖେଳ ଶିକ୍ଷକଙ୍କ ବେପରୁଆ ମନୋଭାବ, ନୂଆଗାଁରେ ଥିବା ଏକ ବିଦ୍ୟାଳୟ ସମ୍ପତ୍ତିରେ ଅନ୍ୟ ଗ୍ରାମର ଅଙ୍ଗନୱାଡି ଘର ନିର୍ମାଣ କାର୍ଯ୍ୟ ବନ୍ଦ କରିବା, ମାଣିକପାଟଣା ବାଲିସାହି ରାସ୍ତା ନିର୍ମାଣ କରିବା, କୁଆଣିଆରେ ସରକାରଙ୍କ ପ୍ରସ୍ତାବିତ ବିୟର ବାର୍ ବନ୍ଦ ଏବଂ ଆଳିର ଆରାଧ ଦେବତା ଶ୍ରୀଶ୍ରୀ ଲକ୍ଷ୍ମୀବରାହ ଜୀଉଙ୍କ ଶହ ଶହ ଏକର ଜମିକୁ ଜବରଦଖଲ ମୁକ୍ତ କରିବା ଆଦି ସାମୂହିକ ଅଭିଯୋଗ ହୋଇଥିଲା। ତେବେ ତୁରନ୍ତ ସମସ୍ତ ଅଭିଯୋଗଗୁଡ଼ିକର ସମାଧାନ ଲାଗି ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ନେଇଥିଲେ। ଏହି ଅବସରରେ କେତେଜଣ ଚିକିତ୍ସା ସହାୟତା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ସେମାନଙ୍କ ଆବେଦନକୁ ବିଚାର କରି ଚେକ୍ ମାଧମରେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଶିବିରରେ ଜିଲାପାଳ ବର୍ମାଙ୍କ ସମେତ ଆରକ୍ଷୀ ଅଧୀକ୍ଷକ ନୀତିଶେଖର, ଆଳି ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ, ଆଳି ତଟ ବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଇଂ. ଦିଲୀପ କୁମାର ଦେହୁରୀ, ଆଳି ତହସିଲଦାର ତଥା ବିଡିଓ ଜୟନ୍ତ କୁମାର ପୃଷ୍ଟି, ଆଳି ଆଇଆଇସି ସଲିଳ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ଶେଷ ହେବା ପରେ ଜିଲାପାଳ ବର୍ମା ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗୌଡ଼ପାଟଣା ଓ ମାଣିକପାଟଣା ଗ୍ରାମ ଗସ୍ତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।

## ମହିଳା ଆତ୍ମସୁରକ୍ଷା ଅଭିଯାନ ଉଦ୍‌ଯାପିତ

ପାଟକୁରା,୧୬।୧୨ (ଡି.ଏନ୍.ଏ.)




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ଗରଦପୁର ବ୍ଲକ ତେଣ୍ଡାକୁଡ଼ା ପଞ୍ଚାୟତସ୍ଥିତ ବିଜୟ ମହାବିଦ୍ୟାଳୟ ପରିସରରେ ମହିଳା ଆତ୍ମ ସୁରକ୍ଷା ଅଭିଯାନ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ୭୪ଜଣ ଯୁକ୍ତ ୨କଳା ଓ ବାଣିଜ୍ୟ ଛାତ୍ରୀ ଭାଗନେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ତ୍ରିଲୋଚନ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ମହାନ୍ତି ସଭାପତିତ୍ୱ କରିଥିଲେ। ଲୋକନାଥ ମହାବିଦ୍ୟାଳୟ ପ୍ରାଧ୍ୟାପକ କ୍ଷୀରୋଦ ପ୍ରସାଦ ନାୟକ ମୁଖ୍ୟଅତିଥି, କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଅଧ୍ୟାପକ ଶୁଭାଶିଷ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅତିଥିମାନେ ନାରୀ ସ୍ୱାଧୀନତା ଉପରେ ରେଖାପାତ କରିବା ସହ ରବୀନ୍ଦ୍ରନାଥ ଠାକୁର ଓ ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତିକୁ ଉଦ୍ଧାର କରି ନାରୀମାନଙ୍କର ଅନ୍ତର୍ନିହିତ ଶକ୍ତିର ବିକାଶ ନିମନ୍ତେ ଛାତ୍ରୀମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ସାମାଜିକ କର୍ମୀ ଦୀପ୍ତିରଞ୍ଜନ କାନୁନ୍‌ଗୋ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ତ୍ରିଲୋଚନ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଉମାକାନ୍ତ ମଲିକ ଓ ଉର୍ଦ୍ଦୁ ବିଭାଗ ଅଧ୍ୟାପକ ମହମ୍ମଦ ମୋବିନ୍ ସାମ୍ପ୍ରତିକ ସମାଜରେ ନାରୀ ଉପରେ ହେଉଥିବା ଅତ୍ୟାଚାରକୁ ଉପସ୍ଥାପନ କରିବା ସହ ଆତ୍ମ ସୁରକ୍ଷା ତାଲିମ କିଭଳି ସୁଫଳ ପ୍ରଦାନ କରିପାରିବ ତାହା ଉପରେ ଆଲୋଚନା କରିଥିଲେ। ଉକ୍ତ ତାଲିମ ଶିବିରର ସଂଯୋଜିକା ତନୁଜା ବିଶ୍ୱାଳ ବିବରଣୀ ପାଠ କରିବା ସହ ମାଷ୍ଟର ଟ୍ରେନର ସୁଶ୍ରୀ ଅନସୂୟା ବେହେରା ଉପସ୍ଥିତ ଥିଲେ। ପରିଶେଷରେ ଛାତ୍ରୀମାନଙ୍କୁ ତାଲିମ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୭/୨୦୧୯ Bhubaneswar, Tuesday, December 17/2019


## ସଂକ୍ଷେପରେ

### ଦୁର୍ଘଟଣାଗ୍ରସ୍ତ ବୃଦ୍ଧଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି, ୧୬।୧୨(ସ୍ୱ.ପ୍ର.):** କଟକ-ଚାନ୍ଦବାଲି ରାସ୍ତାର ଶୁକରପଡା ନିକଟରେ ଏକ କାର ଧକ୍କାରେ ରବିବାର ଜଣେ ବୃଦ୍ଧ ଗୁରୁତର ହୋଇଥିଲେ। ସୋମବାର କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଶୁକରପଡା ଗ୍ରାମର ସେକ ଆୟୁବ ଖାଁ(୫୫)। ସେ ରାଣିପଡାରୁ ଚାଲି ଚାଲି ଘରକୁ ଫେରୁଥିବା ବେଳେ କେନ୍ଦ୍ରାପଡାରୁ କଟକ ଅଭିମୁଖେ ଆସୁଥିବା ଏକ କାର ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ନିଶ୍ଚିନ୍ତକୋଇଲି ଦମକଳ ବାହିନୀ ସେକ୍ ଆୟୁବଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଓ ପରେ କଟକ ବଡ ଡାକ୍ତରଖାନା ପଠାଇଥିଲା।

### ବାଲୁକା ଶିଳ୍ପୀଙ୍କୁ ଜେଏସ୍‌ଡବ୍ଲ୍ୟୁର ସହାୟତା

**ପାରାଦୀପ,୧୬।୧୨(ସ୍ୱ.ପ୍ର.):** ଏରସମା ବ୍ଲକ ଅଧୀନ ବାଲିତୁଠ ଗ୍ରାମର ବାଲୁକା ଶିଳ୍ପୀ ପାର୍ଥସାରଥି ଜେନାଙ୍କୁ ସୋମବାର ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ଶିକ୍ଷାବୃତ୍ତି ନିମନ୍ତେ ସହାୟତା ପ୍ରଦାନ କରାଯାଇଛି। ପ୍ରାର୍ଥସାରଥି ନିଜ ଉଦ୍ୟମରେ ଅନେକ ବାଲୁକାଳା ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ପାଇଛନ୍ତି। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେ ଉଚ୍ଚ ଶିକ୍ଷା ପାଇ ପାରୁ ନ ଥିଲେ। ଏନେଇ ପାର୍ଥଙ୍କ ବାପା ପ୍ରସନ୍ନ କୁମାର ଜେନା ଜେଏସ୍‌ଡବ୍ଲ୍ୟୁ ଅଧିକାରୀଙ୍କୁ ଲିଖିତଭାବେ ଜଣାଇଥିଲେ। ପାର୍ଥଙ୍କ କଲେଜ ପଢ଼ା ସହ ଅନ୍ୟ ଖର୍ଚ୍ଚ କମ୍ପାନୀ ବହନ କରିବ ବୋଲି କୁହାଯାଇଛି।

### ଏମ୍‌ଏସ୍‌ଏମ୍‌ଇ ଓ ପାରାଦୀପ ବନ୍ଦରର ପ୍ରଥମ ସମନ୍ୱୟ ବୈଠକ

# କ୍ଷୁଦ୍ର ଶିଳ୍ପୋଦ୍ୟୋଗୀଙ୍କ ପାଇଁ ବାଟ ଫିଟିବ

- ମଲ୍ଟି ମୋଡାଲ ହବ୍‌ରେ ବନ୍ଦର ଆରମ୍ଭ କରିବ ଆମଦାନୀ-ରପ୍ତାନି
- ଅନ୍ୟ ରାଜ୍ୟର ବନ୍ଦର ଉପରେ ନିର୍ଭର କରିବେନି ବ୍ୟବସାୟୀ

**ପାରାଦୀପ,୧୬।୧୨(ସ୍ୱ.ପ୍ର.)**

ଦେଶର ଦ୍ୱିତୀୟ ବୃହତ ବନ୍ଦର ପାରାଦୀପରେ ଏବେ କେବଳ ଖଣିଜ ପଦାର୍ଥ, ଲୁହା, ଷ୍ଟିଲ ଓ କଣ୍ଟେନର ଆମଦାନୀ-ରପ୍ତାନି ହେଉଛି। କିନ୍ତୁ ଓଡ଼ିଶାର ଶିଳ୍ପୋଦ୍ୟୋଗୀଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ପାରାଦୀପ ମାଛଧରା ବନ୍ଦର ସମେତ ଅନ୍ୟ ମାଛଧରା ବନ୍ଦରର ମାଛକୁ ବ୍ୟବସାୟୀ ଅନ୍ୟ ରାଜ୍ୟର ବନ୍ଦର ଦେଇ ବିଦେଶକୁ ରପ୍ତାନି କରୁଛନ୍ତି। ଏଥିସହ ଓଡ଼ିଶାର ପ୍ରସିଦ୍ଧ ହସ୍ତଶିଳ୍ପ ସାମଗ୍ରୀ, ଶାଢ଼ି, ତାରକସି କାମ ଆଦିକୁ ମଧ୍ୟ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀ ଅନ୍ୟ ରାଜ୍ୟର ବନ୍ଦର ବାଟେ ଆମଦାନୀ-ରପ୍ତାନୀ କରୁଛନ୍ତି। ଏହି ପୁରୁଣା ବ୍ୟବସ୍ଥାର ପରିବର୍ତ୍ତନ ଲାଗି ସୋମବାର ପ୍ରଥମ କରି ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ(ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ) ବିଭାଗ ଏବଂ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆଗାମୀ ଦିନରେ ଏହି ବନ୍ଦର ଦେଇ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀଙ୍କ ପାଇଁ ଆମଦାନୀ-ରପ୍ତାନି କରାଯିବାର ସମ୍ଭାବନା ସୃଷ୍ଟି କରାଯାଇଛି। ବୈଠକରେ ଏମ୍‌ଏସ୍‌ଏମ୍‌ଇର ଅତିରିକ୍ତ ସଚିବ ୟୁଏନ୍ ଦାସ, ଏକ୍ସପୋର୍ଟ ପ୍ରମୋଶନ ମାର୍କେଟିଂ(ଇପିଏମ୍) ନିର୍ଦ୍ଦେଶକ ଶରଣ କୁମାର ଜେନା, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଏଡିଏମ୍ କାହ୍ନୁଚରଣ ଧୀର, ଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ମୀନାକୁମାରୀ ବେହେରା, ଡିଆଇସି ଜିଏମ୍ ଏସ୍‌କେ ସାହୁ, ପାରାଦୀପ ବନ୍ଦର ପକ୍ଷରୁ ମୁଖ୍ୟ ଯାନ୍ତ୍ରିକୀକରଣ ଯନ୍ତ୍ରୀ ସରୋଜ କୁମାର ଦାସ, ମ୍ୟାଟେରିଆଲ ମ୍ୟାନେଜର ଜେପି ଯୋଶୀ, ରାଜ୍ୟ କ୍ଷୁଦ୍ରଶିଳ୍ପ ମହାସଂଘ ସଭାପତି ସ୍ୱାଭିକ ସ୍ୱାଇଁଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା ସଚିବ, ଜିଲାପାଳ ଓ ବନ୍ଦର କର୍ତ୍ତୃପକ୍ଷ।

ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ ୨୦୦୭ରୁ କାର୍ଯ୍ୟକାରୀ ହୋଇଥିଲେ ହେଁ ପାରାଦୀପ ବନ୍ଦର ବ୍ୟବହାର ସମ୍ପର୍କରେ କେବେ ବୈଠକ ହୋଇ ନ ଥିଲା। ଏବେ କେନ୍ଦ୍ର ସରକାର କ୍ଷୁଦ୍ର ଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦେବାରୁ ଏହି ବୈଠକ ଅନୁଷ୍ଠିତ ହୋଇଛି। ବନ୍ଦରରେ ପ୍ରଚଳିତ ନିୟମ ଅନୁସାରେ ଏମ୍‌ଏସ୍‌ଏମ୍‌ଇର ୨୦ପ୍ରତିଶତ, ଅନୁସୂଚିତ ଜାତି, ଜନଜାତିର କ୍ଷୁଦ୍ରଶିଳ୍ପ ପାଇଁ ୪ ପ୍ରତିଶତ ଓ ମହିଳା ଉଦ୍ୟୋଗୀଙ୍କ ପାଇଁ ୩ ପ୍ରତିଶତ ପଣ୍ୟ ଆମଦାନୀ-ରପ୍ତାନି କରାଯିବା କଥା। କିନ୍ତୁ ପାରାଦୀପ ବନ୍ଦରରେ କ୍ଷୁଦ୍ରଶିଳ୍ପ ପାଇଁ ୬୯ ପ୍ରତିଶତ ପଣ୍ୟ କାରବାର ହେଉଥିଲେ ହେଁ ସେସବୁ ଓଡ଼ିଶାର ନୁହେଁ ବୋଲି ବୈଠକରେ ଆଲୋଚନା ହୋଇଥିଲା। କ୍ଷୁଦ୍ରଶିଳ୍ପର ୩୫୮ ପ୍ରକାର ସାମଗ୍ରୀ କାରବାର ପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ରହିଛି। ଏଥିରୁ ଓଡ଼ିଶାର ୨୦୯ ପ୍ରକାର ସାମଗ୍ରୀ ରହିଛି। ସେସବୁକୁ କିପରି ବନ୍ଦର ଦ୍ୱାରା କାରବାର କରାଯିବ ସେଥିପାଇଁ ସଚିବ ଦାସ ପ୍ରସ୍ତାବ ଦେଇଥିଲେ।

ବନ୍ଦର ପକ୍ଷରୁ କୁହାଯାଇଥିଲା, ବନ୍ଦର ଆରମ୍ଭରୁ ଶୁଖିଲା ଖାଦ୍ୟ ସାମଗ୍ରୀ, ପରିବା, ମାଛ ଓ ଔଷଧ ଆଦି ପଣ୍ୟ ପାଇଁ ପାରାଦୀପ ବନ୍ଦରରେ ଭିତ୍ତିଭୂମି ନାହିଁ। ଏସବୁ ସମସ୍ୟାର ସମାଧାନ ପାଇଁ ବନ୍ଦର ୨୦୧୭-୧୮ରୁ ଉଦ୍ୟମ ଆରମ୍ଭ କରିଛି। ସ୍ମାର୍ଟ ଇଣ୍ଡଷ୍ଟ୍ରିଆଲ ପୋର୍ଟ ସିଟି ଯୋଜନାରେ ଏବେ ଏକ ମଲ୍ଟି ମୋଡାଲ ହବ ରଙ୍ଗିଆଗଡ଼ରେ ନିର୍ମାଣାଧୀନ ଅଛି। ଏହାକୁ କଙ୍କର ନାମକ ସଂସ୍ଥା ନିର୍ମାଣ କରୁଛି। ଉକ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ ହେବାପରେ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀଙ୍କ ପାଇଁ ଆମଦାନୀ-ରପ୍ତାନି ବାଟ ଫିଟିବ। ଏଥିପାଇଁ ସେପ୍ଟେମ୍ବର ମାସରୁ ଏହି ଉଦ୍ୟୋଗୀଙ୍କ ପାଇଁ ନୂଆ ଭେଣ୍ଡର କୋଡ୍ ଖୋଲାଯାଇଛି। ଏଥିରେ ଯେକୌଣସି କ୍ଷୁଦ୍ର ଉଦ୍ୟୋଗୀ, ମହିଳା ସମିତି ଆଦି ଅନ୍‌ଲାଇନରେ ଭାଗ ନେଇ ପାରିବେ। ଏପରି ଶିଳ୍ପ ହେଲେ ଓଡ଼ିଶାର ବ୍ୟବସାୟୀଙ୍କୁ ଆଉ ଅଧିକ ଖର୍ଚ୍ଚ କରି ଅନ୍ୟ ରାଜ୍ୟର ବନ୍ଦରକୁ ଯିବାକୁ ପଡ଼ିବ ନାହିଁ। ଅଧିକ କ୍ଷୁଦ୍ର ଉଦ୍ୟୋଗ, ହସ୍ତଶିଳ୍ପ, ଆମଦାନୀ ଭିତ୍ତିକ କାଠ ଶିଳ୍ପର ବିକାଶ ହେବ। ସେଥିରେ ଅଧିକ ମାତ୍ରାରେ ନିଯୁକ୍ତି ସୃଷ୍ଟିହେବ ବୋଲି ମତପ୍ରକାଶ ପାଇଥିଲା। ଏ ନେଇ ଆସନ୍ତା ୧୫ ଦିନ ଭିତରେ ରାଜ୍ୟ ସରକାର ଓ ବନ୍ଦର ବିଭାଗୀୟ ଅଧିକାରୀଙ୍କ ପୁଣି ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।



ମେଡିକାଲ ଦାବିରେ ଏକାଠି ହୋଇଥିବା ଜନ ପ୍ରତିନିଧି ଓ ଅନ୍ୟମାନେ।

### ସୁପର ସ୍ପେଶିଆଲିଟି ହସ୍‌ପିଟାଲ ଦାବି ଜୋର ଧରିଲା

# ସାମିଲ ହେଲେ ୭୦ ପଞ୍ଚାୟତ ଜନପ୍ରତିନିଧି

**ରାହାମା,୧୬।୧୨(ଡି.ଏନ.ଏ.)**

କୁଜଙ୍ଗ ବ୍ଲକ ଅଧୀନ ରାହାମାଠାରେ ଏକ ସୁପର ସ୍ପେଶିଆଲିଟି କିମ୍ବା ସବ୍‌ଡିଭିଜନାଲ ହସ୍ପିଟାଲ ପ୍ରତିଷ୍ଠା ନେଇ ଦାବି ଜୋର ଧରିଛି। ଏନେଇ ରାହାମାସ୍ଥିତ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ପ୍ରତାପ ଚନ୍ଦ୍ର ସ୍ମାରକୀ ସ୍ୱାସ୍ଥ୍ୟସେବା କମିଟି ପକ୍ଷରୁ ଏକ ବୈଠକ କରାଯାଇ ଏହି ଦାବି ଉପରେ ଆଲୋଚନା କରାଯାଇଛି। ରାଜ୍ୟ ଏବଂ କେନ୍ଦ୍ର ସରକାର ହସ୍ପିଟାଲ ପ୍ରତିଷ୍ଠା କରିବାରେ ବିଳମ୍ବ କରୁଥିବାରୁ ଆଗାମୀ ଦିନରେ ଗଣଆନ୍ଦୋଳନ ସହିତ ରେଳରୋକୋ ଓ କଟକ-ପାରାଦୀପ ରାଜ୍ୟପଥ ଅବରୋଧ ଓ ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ବନ୍ଦ କରାଯିବ ବୋଲି ସ୍ୱାସ୍ଥ୍ୟସେବା କମିଟି ସମ୍ପାଦକ ତଥା କ୍ରିୟାନୁଷ୍ଠାନ କମିଟି ମୁଖ୍ୟ ସଂଯୋଜକ ପ୍ରତାପ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ତିର୍ତ୍ତୋଲର ବରିଷ୍ଠ ସାମାଜିକ କର୍ମୀ ନିତ୍ୟାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୁଜଙ୍ଗ, ତିର୍ତ୍ତୋଲ, ଏରସମା, କେନ୍ଦ୍ରାପଡ଼ା ଜିଲାର ଗରଦପୁର, ମହାକାଳପଡ଼ା ବ୍ଲକ ଆଦି ୭୦ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟ, ବରିଷ୍ଠ ନାଗରିକ ମଞ୍ଚ, ଛାତ୍ର ପ୍ରତିନିଧି, କ୍ରିୟାନୁଷ୍ଠାନ କମିଟିର ସମସ୍ତ ଆବାହକ ଯୋଗଦେଇ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ୧୯୯୪ରୁ ସ୍ୱାସ୍ଥ୍ୟସେବା କମିଟି ମାଧ୍ୟମରେ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରାଯାଉଥିଲେ ମଧ୍ୟ ସରକାର ଏହା ଉପରେ କୌଣସି ପଦକ୍ଷେପ ନେଉ ନ ଥିବା କମିଟି ଅଭିଯୋଗ କରିଛି। ବୈଠକରେ ଆବାହକ କମିଟି ସଭ୍ୟ ଅଜୟ ସାହୁ, ରାଜ୍ୟ ମହିଳା ସଂଗଠନ ସମ୍ପାଦିକା ସବିତା ମହାପାତ୍ର, କାଠକୋଟ ସରପଞ୍ଚ ମିହିର ପଟ୍ଟନାୟକ, ତାଳପଡା ସରପଞ୍ଚ ମମତା ସାହୁ, ଗୋରଡ ସରପଞ୍ଚ ସ୍ୱର୍ଣ୍ଣଲତା ବିଶ୍ୱାଳ, ବଣିତୋ ସରପଞ୍ଚ ସଞ୍ଜୟ ଷଡ଼ଙ୍ଗୀ, ମହାକାଳପଡା ବ୍ଲକର ଗଙ୍ଗାଧର ପରିଡା, ଗାରେଇ ସରପଞ୍ଚ ସଂଗ୍ରାମ ମନ୍ତ୍ରୀ, ବାଲିକଣି ସରପଞ୍ଚ ଜ୍ଞାନରଞ୍ଜନ ଚୌଧୁରୀ, ଅଭୟ ବାରିକ, ଚିନ୍ମୟ ଦାସ, ଶରତ ମହାନ୍ତି, ନାରୀନେତ୍ରୀ ମନୋରମା ମହାପାତ୍ର, ପାର୍ବତୀ ଭୂୟାଁ ଓ ସରସ୍ୱତୀ ଦାସ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ବିଡିଓଙ୍କୁ ୧୨ ଦଫା ଦାବିପତ୍ର

**ବାଲିକୁଦା,୧୬।୧୨(ସ୍ୱ.ପ୍ର.)**

ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ ପକ୍ଷରୁ ବାଲିକୁଦା ବିଡିଓ କଲ୍ୟାଣୀ ପଟ୍ଟନାୟକଙ୍କୁ ୧୨ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ଏକ ପ୍ରତିନିଧି ଦଳ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଚାଷଜମିକୁ ଜଳସେଚନ ସୁବିଧା କରିବା, ମାଛଗାଁ କେନାଲର ସମ୍ପ୍ରସାରଣ, ମଣ୍ଡିରେ ଧାନ ବିକ୍ରି ପାଇଁ ଭାଗଚାଷୀଙ୍କୁ ପରିଚୟ ପତ୍ର ପ୍ରଦାନ, ମଣ୍ଡି ନିୟମରେ ସରଳୀକରଣ କରାଯାଇ ଚାଷୀଙ୍କ ଧାନକୁ ସେମାନଙ୍କ ଆଧାରକାର୍ଡ କିମ୍ବା ଭୋଟ ପରିଚୟ ପତ୍ର ମାଧ୍ୟମରେ କିଣାଯିବା ବ୍ୟବସ୍ଥା, କୃଷି ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରଦାନ ସମେତ କୃଷିଋଣ ଛାଡ, ବାଲିକୁଦାରେ ଶୀତଳ ଭଣ୍ଡାର ନିର୍ମାଣ, ସରକାରୀ ଉଦ୍ୟୋଗରେ କୀଟନାଶକ, ସାର, ଓ ବିହନ କେନ୍ଦ୍ର ଖୋଲାଯାଇ ଚାଷୀଙ୍କୁ ଶତକଡା ୭୫ ପ୍ରତିଶତ ରିହାତି ଦରରେ ଯୋଗାଇ ଦିଆଯିବା ଓ ଆବାସ ଯୋଜନା ହିତାଧିକାରୀ ଚୟନରେ ପାତର ଅନ୍ତର ନୀତିକୁ ବନ୍ଦ କରାଯିବା ଆଦି ଉଲ୍ଲେଖ ରହିଛି। ସଙ୍ଗଠନ ସଂଯୋଜକ ମହେଶ୍ୱର ଦାସ, ସହସଂଯୋଜକ ବସନ୍ତ ମଲ୍ଲିକ, କୋଷାଧ୍ୟକ୍ଷ ଆର୍ତ୍ତ ଦାସ, ରଘୁନାଥ ଦାସ, ପରି ଓଝା, ଶ୍ୟାମସୁନ୍ଦର ମହାରଣା ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ଧନୁହରବେଲାରୀର ମମତାରାଣୀ ହତ୍ୟା ମାମଲା

# ସ୍ୱାମୀଙ୍କୁ ଆଜୀବନ ଜେଲଦଣ୍ଡ

**ଜଗତ୍‌ସିଂହପୁର ଅଫିସ,୧୬।୧୨**

ତତ୍କାଳୀନ ବାଲିକୁଦା ଥାନା ତଥା ବର୍ତ୍ତମାନର ବନ୍ଦର ମେରାଇନ ଥାନା ଅନ୍ତର୍ଗତ ଧନୁହରବେଲାରୀ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଝିଅ ମମତାରାଣୀ ଓରଫ ରିଙ୍କିଙ୍କ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ଜିଲା ଓ ଦୌରାଜଜ୍ ଆନନ୍ଦ ଚନ୍ଦ୍ର ବେହେରା ମମତାରାଣୀଙ୍କ ସ୍ୱାମୀ ତଥା ଏହି ଥାନା ବିଲିନୂଆଗାଁ ନଲରାର ହର୍ଷବର୍ଦ୍ଧନ ସ୍ୱାଇଁ ଓରଫ କୁନାଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ଏହି ରାଶି ଅନାଦେୟ ହେଲେ ଅଧିକ ୫ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ଅଛି।

ଏସମ୍ପର୍କରେ ଜଗତ୍‌ସିଂହପୁର ଏସ୍‌ପି ପ୍ରକାଶ ଆର୍ ସୂଚନା ଦେଇ କହିଛନ୍ତି, ପୂର୍ଣ୍ଣଚନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ ୧୨।୬।୧୫ରେ ମମତାରାଣୀ ଓ ହର୍ଷବର୍ଦ୍ଧନ ବିବାହ କରିଥିଲେ। ବିବାହ ସମୟରେ ୨ ଲକ୍ଷ ଟଙ୍କା, ସୁନା ଅଳଙ୍କାର ଓ ଅନ୍ୟ ଘରକରଣା ଉପକରଣ ଯୌତୁକ ଆକାରରେ ଦିଆଯାଇଥିଲା। କିନ୍ତୁ ମମତାରାଣୀ ଯେତେବେଳେ ୩ ମାସର ଗର୍ଭବତୀ ଥିଲେ ହର୍ଷବର୍ଦ୍ଧନ ଅଧିକ ଯୌତୁକ ଦାବି କରି ତାଙ୍କୁ ନିର୍ଯାତନା ଦେଉଥିଲେ। ଏ ପରିସ୍ଥିତିରେ ମମତାରାଣୀଙ୍କୁ ପୂର୍ଣ୍ଣଚନ୍ଦ୍ର ତାଙ୍କ ପାଖକୁ ନେଇ ଯାଇଥିଲେ। ମମତାରାଣୀ ଯେତେବେଳେ ୬ ମାସର ଗର୍ଭବତୀ ଅର୍ଥାତ୍ ୪।୮।୧୬ରେ ହର୍ଷବର୍ଦ୍ଧନ ଶ୍ୱଶୁର ଘରେ ପହଞ୍ଚିଥିଲେ। ୫ ତାରିଖରେ ଶ୍ୱଶୁର ଘର ଛାଡି ତାଙ୍କ ସମ୍ପର୍କୀୟଙ୍କ ଘର ସିଦ୍ଧପୋଖରୀ ଯାଇଥିଲେ। ଏହିଦିନ ଅପରାହ୍ନ ୪ଟା୩୦ରେ ପୁଣି ଶ୍ୱଶୁର ଘରକୁ ଫେରି ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ଫେରି ଆସିବାକୁ ଉଭୟଙ୍କୁ ପୂର୍ଣ୍ଣଚନ୍ଦ୍ର କହିଥିଲେ। କିନ୍ତୁ ରାତି ୯ଟା ହୋଇ ଯାଇଥିଲେ ସୁଦ୍ଧା ସେମାନେ ନ ଫେରିବାରୁ ପୂର୍ଣ୍ଣଚନ୍ଦ୍ରଙ୍କ ମନରେ ଭୟ ସଞ୍ଚାର ହୋଇଥିଲା। ସେ ଉଭୟଙ୍କ ସହ ଯୋଗାଯୋଗ ପାଇଁ ସେମାନଙ୍କ ମୋବାଇଲ ନମ୍ବରକୁ ଫୋନ୍ କରିଥିଲେ। କିନ୍ତୁ ସମ୍ଭବ ହୋଇ ନ ଥିଲା। ପେର ଝିଅ, ଜ୍ୱାଇଁଙ୍କୁ ଖୋଜା ଯାଇଥବା ବେଳେ ୬ ତାରିଖ ପ୍ରାତଃ ପାଖାପାଖି ୬ଟାବେଳେ ଇଚ୍ଛାପୁର-ଦଶବାଟିଆ ରାସ୍ତାର କେରୁପଡ଼ା ନିକଟରେ ମମତାରାଣୀଙ୍କ ମୃତଦେହ ପଡିଥିବା ଦେଖାଯାଇଥିଲା। ତାଙ୍କ ଶରୀରର ଏକାଧିକ ସ୍ଥାନରେ ରକ୍ତସ୍ରାବ ହେଉଥିଲା। ଏହାପରେ ପୂର୍ଣ୍ଣଚନ୍ଦ୍ର ତାଙ୍କ ଝିଅକୁ ଜ୍ୱାଇଁ ହତ୍ୟା କରିଥିବା ଅଭିଯୋଗ କଲାପରେ ବାଲିକୁଦା ପୋଲିସ ଏହିଦିନ ଦଫା ୩୦୨ ଆଇପିସିରେ ମାମଲା ସଂଖ୍ୟା ୧୩୬/୧୬ ରୁଜୁ କରିଥିଲା। ପରବର୍ତ୍ତୀ ସମୟରେ କିନ୍ତୁ ଏହା ଦଫା ୪୯୮-ଏ/୩୦୪-ବି/୩୦୨ ଆଇପିସି/ଦଫା ୪ ଡି.ପି. ଆକ୍ଟକୁ ପରିବର୍ତ୍ତିତ ହୋଇଥିଲା। ସେତେବେଳେ ତଦନ୍ତ ଦାୟିତ୍ୱ ନେଇଥିଲେ ତତ୍କାଳୀନ ଏସ୍‌ଆଇ ୟୁ. ଏନ୍. ସେଠୀ। ତଦନ୍ତରୁ ଜଣାଯାଇଥିଲା, ଧରୁଆ ଅସ୍ତ୍ରରେ ମମତାରାଣୀଙ୍କୁ ହତ୍ୟା କରାଯାଇଥିଲା। ତଦନ୍ତ ପରେ ତତ୍କାଳୀନ ଏସ୍‌ଆଇ ସେଠୀ ୩୦।୧୦।୧୬ରେ ଦଫା ୪୯୮(ଏ)/୩୦୨/୩୦୪(ବି)/୪୦୬ ଆଇପିସି/୪ ଡି.ପି. ଆକ୍ଟରେ ଚାର୍ଜସିଟ୍ ସଂଖ୍ୟା ୨୦୧ ଦାଖଲ କରିଥିଲେ। ଏହି ମାମଲା ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ବିଚାରାଧୀନ ଥିଲା। ସରକାରଙ୍କ ପକ୍ଷରୁ କୋର୍ଟ ପିପି (ପବ୍ଲିକ ପ୍ରସିକ୍ୟୁଟର) ନଳିନୀକାନ୍ତ ମହାରଣା ମାମଲା ପରିଚାଳନା କରୁଥିଲେ।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବେଆଇନ ରେଳ ଟିକେଟ ବିକ୍ରି ଅଭିଯୋଗରେ ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୧୬।୧୨:** ବେଆଇନ ରେଳ ଟିକେଟ ପ୍ରସ୍ତୁତ କରି ବିକ୍ରି କରୁଥିବା ଅଭିଯୋଗରେ ରେଳବାଇ ସୁରକ୍ଷା ବଳ (ଆରପିଏଫ) ଜଣେ ଲୋକଙ୍କୁ ସୋମବାର ଗିରଫ କରିଛି। ଅଭିଯୁକ୍ତ ଜଣକ ଆସିକା ନଳବଣ୍ଟାର ନାରାୟଣ ପ୍ରଧାନ ବୋଲି ପୋଲିସ କହିଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଆରପିଏଫ ଥାନାଧିକାରୀ ଦିଲୀପ କୁମାର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ରେଳବିଭାଗ ଅନୁମତି ବିନା ବେଆଇନ ଭାବେ ଅନ୍‌ଲାଇନ ରେଳ ଟିକେଟ ନଳବଣ୍ଟାର ଜନସେବା କେନ୍ଦ୍ରରେ ବିକ୍ରି କରାଯାଉଥିବା ଆରପିଏଫ ଖବର ପାଇଥିଲା। ଆରପିଏଫ ଏସ୍‌ଆଇ ଚନ୍ଦନ କୁମାର ତିୱାରୀ ଓ ତାଙ୍କ ଷ୍ଟାଫ ସେଠାରେ ପହଞ୍ଚି ଟିକେଟ କାଉଣ୍ଟରରେ ଚଢାଉ କରିଥିଲେ। ଘଟଣାସ୍ଥଳରୁ ୩ ଗୋଟି ନୂତନ ଭାବେ ପ୍ରସ୍ତୁତ ହୋଇଥିବା ଟ୍ରେନ ଟିକେଟ ଓ ପୂର୍ବରୁ ବିକ୍ରି କରିଥିବା ୬୧ ଟିକେଟ ଜବତ ହୋଇଛି। ମୋଟ ୬୪ ଟିକେଟ ଜବତ ହୋଇଥିବା ବେଳେ ଏହାର ମୂଲ୍ୟ ୬୪,୬୮୭ ଟଙ୍କା ବୋଲି ଆରପିଏଫ ଥାନାଧିକାରୀ ଦିଲୀପ କୁମାର କହିଛନ୍ତି।

### ଯୁବତୀଙ୍କୁ ବଳାତ୍କାର ମାମଲା
### ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ

**ବ୍ରହ୍ମପୁର ଅଫିସ,୧୬।୧୨**
ଗଞ୍ଜାମ ଜିଲା ସିଭିଲ ରେଜିଷ୍ଟ୍ରାର ଅମିତ ସ୍ୱରୂପ ସେଠ ସୋମବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ଅଭିଯୁକ୍ତ ବନମାଳୀ ନାହାକଙ୍କୁ ୭ ବର୍ଷ ଜେଲ ଦଣ୍ଡ ରାୟ ଶୁଣାଇଛନ୍ତି। ଏହା ସହିତ ୧୨ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନଦାୟ ଅଧିକ ୧୦ ମାସ ଜେଲ ଦଣ୍ଡରେ ଦଣ୍ଡିତ କରିବାକୁ ମଧ ନିର୍ଦ୍ଦେଶ ରହିଥିବା କୋର୍ଟ ସୂତ୍ରରୁ ପ୍ରକାଶ। ପ୍ରକାଶ ଯେ, ୨୦୦୯ ଫେବୃଆରୀ ୧ ରେ ଜଣେ ଯୁବତୀଙ୍କୁ ବନମାଳୀ ଅପହରଣ କରିନେଇ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତା ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ.୧୦/୧୯ ରେ ଅଭିଯୁକ୍ତ ବନମାଳୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ପ୍ରଫୁଲ୍ଲ ପାଢ଼ୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ବନମାଳୀ ଜାମିନରେ ଛାଡ ପାଇଥିଲେ। ସୋମବାର ବନମାଳୀଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୫ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ସିଭିଲ ରେଜିଷ୍ଟ୍ରାର ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

### ଜାନୁୟାରୀ ୩ ରୁ ୫ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ

**ବ୍ରହ୍ମପୁର ଅଫିସ,୧୬।୧୨:** ବ୍ରହ୍ମପୁର ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ଜାନୁୟାରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପି ଦ୍ୱିତୀୟ ରାଜ୍ୟସ୍ତରୀୟ ଓପନ ଟାଏକୋଣ୍ଡୋ ଚାମ୍ପିୟନଶିପ(ଟିଏବି ଫେଷ୍ଟ) ଅନୁଷ୍ଠିତ ହେବ। ହିଲପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଆୟୋଜିତ ଚାମ୍ପିୟନଶିପ୍‌ରେ ପ୍ରାୟ ୨୦ ଜିଲାର ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# କ୍ରଶର ପାଇଁ ଜଙ୍ଗଲ ପାଲଟିଲା ପଦା

**ନୂଆଗାଁ,୧୬।୧୨(ଡି.ଏନ.ଏ.)**

■ ଜଙ୍ଗଲରେ ରାସ୍ତା ନିର୍ମାଣ, ଖବର କାହା ପାଖରେ ନାହିଁ
■ ଆମ ଜାଗା ନୁହେଁ କହି ଦୋଷ ଖସାଉଛନ୍ତି ବନ କର୍ମଚାରୀ

ନୟାଗଡ ବନଖଣ୍ଡ ମହିପୁର ବନାଞ୍ଚଳ ମହିତମା ସେକ୍ସନ ଅଧୀନ ଶିଙ୍ଗପୁର ଗ୍ରାମକୁ ଲାଗି ବିସ୍ତାର ଜଙ୍ଗଲ ରହିଥିବା ବେଳେ କ୍ରଶରରୁ ମାଲ ନେବା ପାଇଁ ସେହି ଜଙ୍ଗଲକୁ କାଟି ପଦା କରି ଦିଆଯାଉଛି । ଜଙ୍ଗଲରୁ ବଡ ବଡ ଗଛ କାଟି ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ କଲେ ତାହା ଆମ ଜାଗା ନୁହେଁ, ରାଜସ୍ୱ ବିଭାଗର ଜାଗା କହି ବନ ବିଭାଗ କର୍ମଚାରୀ ନିଜ ଆଡୁ ଦୋଷ ଖସାଇ ଦେଉଛନ୍ତି। ସେହିପରି ରାଜସ୍ୱ ବିଭାଗ କର୍ମଚାରୀ ରାସ୍ତା ନିର୍ମାଣ ବିଷୟରେ ଜାଣି ନଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ପ୍ରକାଶ ଯେ, ନୂଆଗାଁ ବ୍ଲକ ସିକ୍ରିଡା ପଞ୍ଚାୟତ ମଙ୍ଗଳପୁର ନିକଟରେ ଏକ ପଥର କ୍ରଶର ରହିଥିବା ବେଳେ ଖଣ୍ଡପଡା ବ୍ଲକ ବଳଭଦ୍ରପ୍ରସାଦ ସିଙ୍ଗିପୁର ନିକଟରେ ଥିବା ପାହାଡରୁ ପଥର ଆଣି ସେହି କ୍ରଶରରେ ମେଣ୍ଟାଲ, ଚିପସ୍ ଆଦି ପ୍ରସ୍ତୁତ କରାଯାଏ । ସିଙ୍ଗିପୁର ପାହାଡରୁ ପଥର ଆଣିବା ପାଇଁ ମଙ୍ଗଳପୁର କ୍ରଶରରୁ ଉକ୍ତ ପାହାଡ ପର୍ଯ୍ୟନ୍ତ ଜଙ୍ଗଲ ସଫା କରି ରାସ୍ତା ନିର୍ମାଣ କରାଯାଇଛି । ସେହିପରି କ୍ରଶରରେ ପ୍ରସ୍ତୁତ ହେଉଥିବା ସାମଗ୍ରୀକୁ ବାହାରକୁ ରପ୍ତାନୀ କରିବା


ଜଙ୍ଗଲ ସଫା କରି ବେଆଇନ ଭାବେ ନିର୍ମାଣ କରାଯାଇଥିବା ରାସ୍ତା।

ପାଇଁ କ୍ରଶରଠାରୁ ଉଦୟପୁର ପଞ୍ଚାୟତ ସିଙ୍ଗପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଛି । ଜଙ୍ଗଲରେ ବଡ ବଡ ଗଛ ଓ ବିରାଟ ବିରାଟ ପଥର ରହିଥିବା ବେଳେ ରାସ୍ତା ନିର୍ମାଣ ପାଇଁ ଉକ୍ତ ଗଛ କାଟି ଦିଆ ଯାଇଥିବା ବେଳେ ପଥରଗୁଡିକ ଖୋଳି କିଛି କ୍ରଶରକୁ ନେବା ସହ ଅନେକ ବାହାରେ ଫୋପାଡି ଦିଆଯାଇଥିବା ଦେଖିବାକୁ ମିଳିଛି । ଏପରିକି ରାସ୍ତା ନିର୍ମାଣ ପାଇଁ ମାଟିର ଆବଶ୍ୟକ ପଡିବାରୁ ଜଙ୍ଗଲ ମଝିରେ ଗଭିର ଗାତ କରି ମାଟି ଆଣି ରାସ୍ତାରେ ପକାଯାଇଛି । ନୂତନ ଜଙ୍ଗଲ ସୃଷ୍ଟି କରିବା ସହ ପୁରୁଣା ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ବନ ବିଭାଗ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ କିଛି ଲୋକଙ୍କ ସ୍ୱାର୍ଥ ପାଇଁ ଜଙ୍ଗଲ ସଫା କରି ଦିଆଯାଇଛି । ପୂର୍ବରୁ ରାସ୍ତା ନଥିବା ବେଳେ କାହା ଅନୁମତିମକ୍ରମେ ଜଙ୍ଗଲରୁ ଗଛ କାଟି ରାସ୍ତା ନିର୍ମାଣ କରାଯାଉଛି ତାହା ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷେ ଜଙ୍ଗଲ ମଧ୍ୟରେ ପ୍ରାୟ ତିନି କିଲୋମିଟର ରାସ୍ତା ନିର୍ମାଣ କରିବା ସମୟ ସାପେକ୍ଷ ହୋଇଥିଲେ ମଧ୍ୟ ରାସ୍ତା ନିର୍ମାଣର ଖବର ବନ ବିଭାଗ କିମ୍ବା ରାଜସ୍ୱ ବିଭାଗ କର୍ମଚାରୀଙ୍କ ନିକଟରେ ନ ଥିବା ପ୍ରଶାସନର କାର୍ଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ରାସ୍ତା ନିର୍ମାଣ ବିଷୟରେ ମହିତମା ଫରେଷ୍ଟର ରମେଶ କୁମାର ମଲିକଙ୍କୁ ପଚାରିବାରେ ଯେଉଁ ସ୍ଥାନରେ ରାସ୍ତା ନିର୍ମାଣ କରାଯାଇଛି ତାହା ରେଭିନ୍ୟୁ ଜାଗା ତେଣୁ ଆମେ କିଛି କରି ପାରିବୁ ନାହିଁ ବୋଲି କହିଥିଲେ । ସେହିପରି ମହିପୁର ରେଞ୍ଜର ସୁଧାଂଶୁ ଶେଖର ପଣ୍ଡାଙ୍କୁ ପଚାରିବାରେ ସେ ମଧ୍ୟ ସେହି ସମାନ କଥା କହିବା ସହ ଆପଣ ତହସିଲଦାରଙ୍କୁ ଜଣାନ୍ତୁ ବୋଲି କହିଥିଲେ । ରାସ୍ତା ନିର୍ମାଣ ବିଷୟରେ ମହିତମା ଆର ଆଇ ଅଜିତ କୁମାର ଡାକୁଆଙ୍କୁ ପଚାରିବାରେ ମୁଁ ରାସ୍ତା ନିର୍ମାଣ ବିଷୟରେ ଜାଣି ନାହିଁ । ଦେଖିବା ପରେ କହିବି ବୋଲି କହିଥିଲେ।

■ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ୨୯ରେ

# ୩୦ରେ ଯୋଗଦେବେ ରାଜ୍ୟପାଳ

**ନୟାଗଡ଼ ଅଫିସ,୧୬।୧୨**

ଆସନ୍ତା ୨୯ ତାରିଖଠାରୁ ୩ଦିନ ଧରି ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ପାଳନ କରାଯିବ। ୩୦ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉତ୍ସବରେ ଯୋଗ ଦେବେ। ୨୯ ତାରିଖ ଉଦ୍‌ଘାଟନୀ ଦିବସରେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଓ ୩୧ତାରିଖ ଉଦ୍‌ଯାପନୀ ଦିନ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ ଯୋଗଦେବେ। ସୋମବାର ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି ବିଦ୍ୟାଳୟ ସଭାପତି ମୃତ୍ୟୁଞ୍ଜୟ ମହାପାତ୍ର। ଉତ୍ସବରେ ପୁରାତନ ଛାତ୍ରୀଛାତ୍ର, ଅଭିଭାବକ, ଆଚାର୍ଯ୍ୟାଆଚାର୍ଯ୍ୟ ଯୋଗ ଦେବେ । ଏହି ଉପଲକ୍ଷେ ୨୮ ତାରିଖରେ ଏକ କଳସ ଯାତ୍ରା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ବିଦ୍ୟାଳୟ ସମ୍ପାଦକ ଶାନ୍ତନୁ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ହରେକୃଷ୍ଣ ମୁଦୁଲି, ପ୍ରଧାନ ଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ।

# ମଜଦୁର ସଂଘ ପ୍ରତିଷ୍ଠାତାଙ୍କ ଜନ୍ମ ଶତବାର୍ଷିକୀ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ନୟାଗଡ଼ ଅଫିସ,୧୬।୧୨**

ନୟାଗଡ଼ ରୋଟାରି କ୍ଲବ ପରିସରରେ ରବିବାର ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠାତା ଠେଙ୍ଗେଡି ଜୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ପାଳିତ ହୋଇଯାଇଛି। ଜିଲା ସମ୍ପାଦକ ସୁକାନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ମହାମନ୍ତ୍ରୀ ଗୋକୁଳାନନ୍ଦ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରମିକ ସଙ୍ଗଠକ ଠେଙ୍ଗେଡି ଜୀଙ୍କ ଅବଦାନ ବିଷୟରେ ବର୍ଣ୍ଣନା କରିଥିଲେ। ବିଭାଗ ଅଧିକାରୀ ବିଜୟ ପାତ୍ର କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ପ୍ରଧାନ, ଶାନ୍ତନୁ ସ୍ୱାଇଁ, ଅମ୍ବିକା ପଟ୍ଟନାୟକ, ରାମଚନ୍ଦ୍ର ଭଞ୍ଜ, ଜୟକୃଷ୍ଣ ପ୍ରଧାନ, ଜଗନ୍ନାଥ ସିଂ, ବନବିହାରୀ ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଭା ସଙ୍ଗମ ପ୍ରତିଯୋଗିତା

**ଗଣିଆ,୧୬।୧୨(ଡି.ଏନ.ଏ.)**

ରାଷ୍ଟ୍ରୀୟ କଳା ମଞ୍ଚ ତରଫରୁ ଗଣିଆସ୍ଥିତ ଆର.ସି. ସାମନ୍ତରାୟ ବିଜ୍ଞାନ ଓ ବୈଷୟିକ ପ୍ରଯୁକ୍ତି ମହାବିଦ୍ୟାଳୟ ପରିସରରେ ରବିବାର ଜିଲାସ୍ତରୀୟ ପ୍ରତିଭା ସଙ୍ଗମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନେ ସୋଲୋ ଡ୍ୟାନସ୍, କ୍ଲାସିକାଲ ଡ୍ୟାନସ୍, ଗ୍ରୁପ୍ ଡ୍ୟାନସ୍, ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ, ରଙ୍ଗୋଲି ଓ ପେଟିଂ ଆଦି ପ୍ରତିଯୋଗୀତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗୀତାରେ ୧୩ଜଣ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର


ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କୃତୀ ପ୍ରତିଯୋଗୀ।

ପ୍ରଦାନ କରାଯିବା ସହ ଆସନ୍ତା ୨୬,୨୭, ଓ ୨୮ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗୀତାକୁ ମନେନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରଷ୍ଟ୍ରୀୟ କଳା ମଞ୍ଚର ଜିଲା ସଂଯୋଜକ ପ୍ରିୟବ୍ରତ ମିଶ୍ର, ବ୍ୟବସ୍ଥା ପ୍ରମୁଖ ସୁଭାଶିଷ ମିଶ୍ର ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ଭଗବାନ ଦେହୁରୀ, ସମ୍ମାନୀତ ଅତିଥି ଭାବେ ଦୀନବନ୍ଧୁ ନାୟକ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ମଳୟ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

### ଯୁବକଙ୍କୁ ଗାଁରୁ ବାସନ୍ଦ ମାମଲା
## ୪ ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ଜାମିନ

**ବ୍ରହ୍ମପୁର ଅଫିସ,୧୬।୧୨**

ଜଣେ ଯୁବକଙ୍କୁ ଗାଁରୁ ବାସନ୍ଦ କରାଯାଇଥିବା ମାମଲାରେ ୪ ଅଭିଯୁକ୍ତ ହାଇକୋର୍ଟରୁ ଜାମିନ ପାଇଛନ୍ତି। ସେମାନେ ହେଲେ ନୂଆ ଖଜୁରିଆ ବେଲମା କୁଳ ଅଧିକାରୀ ଲଡୁ ବିଶ୍ୱାଳ, ସମ୍ପାଦକ ତ୍ରିନାଥ ନାହାକ, କାର୍ଯ୍ୟକାରୀ କମିଟି ସଦସ୍ୟ ପୂର୍ଣ୍ଣ ନାହାକ ଓ ରଞ୍ଜିତ ମଲ୍ଲିକ। ଅଭିଯୁକ୍ତମାନେ ସୋମବାର ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏସ୍‌ଡିଜେଏମ୍ ସରୋଜିନୀ ସାହୁ ସେମାନଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଜୟସେନ ସାସମଲ ଅନ୍ୟ ଜାତିର ଜଣେ ଝିଅକୁ ବିବାହ କରିଥିଲେ। ଫଳରେ କୁଳ ତରଫରୁ ତାଙ୍କୁ ୩ ହଜାର ଟଙ୍କା ଜରିମାନା ଦେବାକୁ କୁହାଯାଇଥିଲା। ପରେ ଜୟସେନଙ୍କୁ କୁଳ ପକ୍ଷରୁ ବାସନ୍ଦ କରାଯାଇଥିଲା। ଫଳରେ ସେ ଗାଁ ଛାଡି ପଳାଇଥିଲେ। କିଛିଦିନ ପରେ ତାଙ୍କ ବାପାଙ୍କ ଦେହ ଖରାପ ହୋଇଥିଲା। ସେ ଗାଁକୁ ଫେରିବାରୁ କୁଳ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ଧମକ ଦେଇଥିଲା। ଏଣୁ ଜୟସେନ ଶେଷରେ ୨୦୧୮ ଅଗଷ୍ଟ ୧୮ ରେ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୯୫/୧୮ରେ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତମାନେ ଏହି ମାମଲାରେ ଜାମିନ ପାଇବା ପାଇଁ ଓକିଲ ମହେଶ କୁମାର ଜେନାଙ୍କ ଜରିଆରେ ହାଇକୋର୍ଟରେ ଆବେଦନ କରିଥିଲେ।

# ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଶିକ୍ଷକ ଗିରଫ

**ନୟାଗଡ଼ ଅଫିସ,୧୬।୧୨**

ଜଣେ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜଣେ ଶିକ୍ଷକଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ଶିକ୍ଷକ ଜଣଙ୍କ ହେଲେ ଶରଣକୁଳ ଥାନା ଡମସାହିର ରଞ୍ଜନ କୁମାର ପ୍ରଧାନ (୪୮)। ରଞ୍ଜନ ନୟାଗଡ଼ ଜିଲାର ଏକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଅଛନ୍ତି।

ଥାନାରୁ ମିଳିଥିବା ସୂଚନା ଅନୁସାରେ, ପୁରୀ ଜିଲା ଅଞ୍ଚଳର ଜଣେ ଅବସରପ୍ରାପ୍ତ ଶିକ୍ଷକ ନୟାଗଡ଼ ସହରରେ ରୁହନ୍ତି। ସେହିଭଳି ରଞ୍ଜନ ନୟାଗଡ଼ ସହରର ମଧୁସୂଦନ ନଗରରେ ରୁହନ୍ତି । ସେ ଅବସରପ୍ରାପ୍ତ ଶିକ୍ଷକଙ୍କ ଘରକୁ ବିଭିନ୍ନ ସମୟରେ ଯାଆସ କରନ୍ତି। ୧୮ ମାର୍ଚ୍ଚ ୨୦୧୯ ରେ ଘରେ କେହି ନ ଥିବା ବେଳେ ରଞ୍ଜନ ଅବସରପ୍ରାପ୍ତ ଶିକ୍ଷକଙ୍କ ଘରକୁ ଆସି ତାଙ୍କ ଝିଅକୁ ପ୍ରଥମେ ବଳାତ୍କାର କରିଥିଲେ। ଏହା ପରେ ସେ ବିଭିନ୍ନ ସମୟରେ ତାଙ୍କ ଘରକୁ ଆସି ଯୁବତୀଙ୍କୁ ବଳାତ୍କାର କରିଥିଲେ। ଏ ବିଷୟରେ କାହା ଆଗରେ କହିଲେ ଯୁବତୀଙ୍କୁ ମାରିଦେବା ପାଇଁ ରଞ୍ଜନ ଧମକ ଦେଇଥିଲେ। ତେଣୁ ଯୁବତୀ ଚୁପ୍ ରହିଥିଲେ। ତେବେ ଝିଅର ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ପଚାରି ସବୁ କଥା ଜାଣିବାକୁ ପାଇଥିଲେ। ଲୋକଲଜ୍ୟା ଓ ମାନସିକ ଚିନ୍ତାରେ ଥିବାରୁ ପରିବାର ଲୋକ ଏ ନେଇ ଥାନାରେ ଅଭିଯୋଗ କରି ନ ଥିଲେ। ତେବେ ସୋମବାର ପୀଡ଼ିତା ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ୧୮୯/୧୯ରେ ଏକ ମାମଲା ରୁଜୁ କରି ଶିକ୍ଷକ ରଞ୍ଜନଙ୍କୁ ଗିରଫ କରିଥିବା ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି ପ୍ରକାଶ କରିଛନ୍ତି। ସେହିଭଳି ରଞ୍ଜନଙ୍କ ଡାକ୍ତରୀମାଇନା କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ଜମି ପାଇଁ ଜିଲାପାଳଙ୍କୁ ଗୁହାରି

**ପୁରୀ ଅଫିସ, ୧୬।୧୨**

ଦୀର୍ଘ ୪ବର୍ଷରୁ ଉର୍ଦ୍ଧ୍ୱ ହେଲା ଜମିଟିଏ ପାଇଁ ସେ ଏ ଅଫିସରୁ ସେ ଅଫିସକୁ ଦୌଡୁଛନ୍ତି। ହେଲେ କେହି ତାଙ୍କ ଗୁହାରି ଶୁଣୁନାହାନ୍ତି। ସୋମବାର ପୁଣି ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଯାଇ ଗୁହାରି କରିଛନ୍ତି ନରେନ୍ଦ୍ରକୋଣର ପ୍ରମୋଦ କୁମାର ସିଂହ। ସେ ଅତିରିକ୍ତ ଜିଲାପାଳଙ୍କୁ ତାଙ୍କ ଅଭିଯୋଗପତ୍ର ଦେଇଛନ୍ତି। ସେଥିରେ ଦର୍ଶାଇଛନ୍ତି, ନରେନ୍ଦ୍ରକୋଣ ଶନିମନ୍ଦିର ପାଖରେ ଏକ ସରକାରୀ ଜାଗାରେ ତାଙ୍କ ପରିବାର ଦୀର୍ଘ ୩୦ ବର୍ଷ ଧରି ରହିଆସୁଥିଲେ। ୨୦୧୫ ନବକଳେବର ସମୟରେ ଅନ୍ୟ ଅବରୋଧସ୍ଥଳ ଥିବା ସତ୍ତ୍ୱେ ତାଙ୍କ ଘରକୁ ଭାଙ୍ଗି ଦିଆଗଲା। ଏହାପରେ ସେ ତତ୍କାଳୀନ ଜିଲାପାଳଙ୍କୁ ଭେଟିଥିଲେ। ଜିଲାପାଳ ପୁରୀ ସଦର ତହସିଲଦାରଙ୍କୁ ପଦକ୍ଷେପ ଗ୍ରହଣ ଲାଗି ଚିଠି କରିଥିଲେ। ତତ୍କାଳୀନ ତହସିଲଦାର ବସୁନ୍ଧରା ଯୋଜନାରେ ଏକ ବାସୋପଯୋଗୀ ଜାଗା ଯୋଗାଇଦେବାକୁ ବାଲୁଖଣ୍ଡ ମୌଜାରେ ୪ଡିସିମିଲ ଜାଗା ଚିହ୍ନଟ ଓ ନକ୍ସା କରିଥିଲେ। ୨୦୧୬ ଅଗଷ୍ଟ ୧୫ରେ ଏହାର ପଟ୍ଟା ଦିଆଯିବ ବୋଲି କୁହାଯାଇଥିଲା। ଇତିମଧ୍ୟରେ ସାଢେ ୩ବର୍ଷ ବିତିଗଲାଣି, ହେଲେ ତାଙ୍କୁ ଏ ପର୍ଯ୍ୟନ୍ତ ଜାଗା ମିଳିଲା ନାହିଁ। ସରକାରୀ ଜାଗାରେ ରହିଥିବା ଲୋକଙ୍କୁ ସରକାର ଜାଗା ମିଶନରେ ପଟ୍ଟା ଦେଲେ। ହେଲେ ତାଙ୍କ ଦୁଃଖ କେହି ଶୁଣିଲେ ନାହିଁ। ଏବେ ଭଡ଼ାଘରେ ସେ ୪ ପ୍ରାଣୀ ପରିବାର ସହ ରହୁଛନ୍ତି। ଜାଗା ମିଶନରେ ପୁରୀ ସହରରେ ଜାଗା ଯୋଗାଇଦେବାକୁ ପ୍ରମୋଦ ଗୁହାରି କରିଛନ୍ତି।

# ବିଶ୍ୱାବସୁଙ୍କ ଜନ୍ମ ସ୍ଥଳୀରେ ଧନୁ ପୂଜା ମହୋତ୍ସବ

**ଖଣ୍ଡପଡା,୧୬।୧୨(ସ୍ୱ.ପ୍ର.)**

ନୀଳମାଧବ ଜୀଉଙ୍କ ଆଦ୍ୟ ସେବକ ଭାବରେ ପରିଚିତ ଶବର ରାଜା ବିଶ୍ୱାବସୁଙ୍କ ଜନ୍ମ ପୀଠ ଧାନଚେଙ୍ଗେଡା ପଞ୍ଚାୟତ ଅନ୍ତର୍ଗତ କାଳିଆପଲ୍ଲୀ ଗ୍ରାମରେ ଶୁକ୍ରବାରଠାରୁ ସୋମବାର ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ଧନୁପୂଜା ମହୋତ୍ସବ ମହା ଆଡମ୍ବର ସହକାରେ ପାଳନ କରାଯାଇଛି । ଏହି ଅବସରରେ ଶନିବାର ସ୍ଥାନୀୟ ବିଶ୍ୱାବସୁ ମଠରେ ଗୀତା ଯଜ୍ଞ ଓ ଭାଗବତ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସୋମବାର ଲାଖବିନ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ପ୍ରତିବର୍ଷ କାଳିଆପଲ୍ଲୀ ଗ୍ରାମରେ ହୋଇ ଆସୁଥିବା ଧନୁପୂଜା ମହୋତ୍ସବ ଜଗନ୍ନାଥ ସଂସ୍କୃତିର ଆଦିପୀଠ ଶ୍ରୀ ନୀଳମାଧବ ଜୀଉଙ୍କ କିମ୍ବଦନ୍ତୀ ଓ ଐତିହ୍ୟର ନିଦର୍ଶନ ତଥା ପ୍ରଭୁ ଶ୍ରୀ ନୀଳମାଧବଙ୍କ ଆଦ୍ୟ ସେବକ ବିଶ୍ୱାବସୁଙ୍କ ସ୍ମୃତିକୁ ଉଜ୍ଜିବିତ କରିଥାଏ । ମହାନଦୀ ପାର୍ଶ୍ୱ କଣ୍ଟିଲୋର ବ୍ରହ୍ମାଦ୍ରୀ ପାହାଡର ପଥର ଗୁମ୍ଫାରେ ଆବିର୍ଭୂତ ହୋଇଥିବା ଶ୍ରୀନୀଳମାଧବ ଜୀଉଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ବିଶ୍ୱାବସୁ ତାଙ୍କର ଶବରପଲ୍ଲୀରୁ ନଦୀନାଳ ଓ କଣ୍ଟକିତ ପଥ ଅତିକ୍ରମ କରି ପ୍ରତ୍ୟହ ଆସୁଥିଲେ ।


କାଳିଆପଲ୍ଲୀଠାରେ ପୂଜା ପାଉଥିବା ଲଳିତା ଦେବୀ ଓ ଜଗନ୍ନାଥ।

ବିଶ୍ୱାବସୁ ଯେଉଁ ଶବରପଲ୍ଲୀରୁ ଠାକୁରଙ୍କୁ ପ୍ରତ୍ୟହ ପୂଜା ପାଇଁ ଆସୁଥିଲେ, ସେହି ପଲ୍ଲୀ ଆଜି କାଳିଆପଲ୍ଲୀ ଭାବରେ ପରିଚିତ । ପ୍ରତିବର୍ଷ ଧନୁ ସଂକ୍ରାନ୍ତିରେ ଏଠାରେ ଧନୁପୂଜା ମହୋତ୍ସବ ପାଳନ କରାଯାଇଥାଏ । ଶବର ଜାତି ଲୋକଙ୍କର ଜୀବନ ଜୀବିକା ଓ ଆତ୍ମରକ୍ଷାର ଆୟୁଧ ହେଉଛି ଧନୁ ଆଉ ତୀର । ଧନୁ ଓ ତୀରକୁ ଶ୍ରଦ୍ଧା ଓ ସମ୍ମାନ ଦେବା ଲକ୍ଷ୍ୟରେ କାଳିଆପଲ୍ଲୀର ଆବାଳ ବୃଦ୍ଧ ବନୀତା ଏହି ଧନୁପୂଜା ମହୋତ୍ସବ ଆଡମ୍ବର ସହକାରେ ପାଳନ କରିଥାନ୍ତି । କାଳିଆପଲ୍ଲୀର ମହିଳା ଓ ଛୋଟ ଝିଅମାନେ ନିଜକୁ ଏହି ଦିନରେ ଶବରୁଣୀ ବେଶରେ ସଜାଇ ନାଚଗୀତ କରି ବିଶ୍ୱାବସୁ, ନୀଳମାଧବ, ଲଳିତା ଓ ଜଗନ୍ନାଥଙ୍କୁ ପୂଜା କରିଥାନ୍ତି । ସେହିପରି ପୁରୁଷ ଓ ବାଳକମାନେ ବାଡି, ଧନୁ ତୀର ଧରି ବୀରମାନଙ୍କର ଖେଳ ଦେଖାଇଥାନ୍ତି । ଏହି ଅବସରରେ କାଳିଆପଲ୍ଲୀରେ ବିଶ୍ୱାବସୁ ମଠ ସାଧୁ ସନ୍ଥଙ୍କର ଏକ ସମାଗମସ୍ଥଳି ପାଲଟିଥିଲା । ଅନ୍ୟପକ୍ଷେ ଉକ୍ତ ଅଞ୍ଚଳ ଏକ ଟାଙ୍ଗରା ଭୂଇଁ ପାଲଟିଥିବା ବେଳେ କଣ୍ଟିଲୋ ଅଞ୍ଚଳର ଗଛସାର ଭାବରେ ପରିଚିତ ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁଙ୍କ ପ୍ରୟାସ କ୍ରମେ ସେଠାରେ ଦୀର୍ଘ ବର୍ଷରୁ ବୃକ୍ଷ ରୋପଣ କରାଯାଇ ଏବେ ସବୁଜ ବଳୟ ସୃଷ୍ଟି କରାଯାଇଛି। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସହଯୋଗ କରି ଏକ ପ୍ରାକୃତିକ ପରିବେଷ୍ଟନୀ ସୃଷ୍ଟି କରିଥିବା ଜଣାପଡିଛି । ଏହି ଧନୁ ସଂକ୍ରାନ୍ତି ଅବସରରେ ନିକଟସ୍ଥ ଧାଙ୍ଗେଡି ପାହାଡ ଉପରେ ବିରାଜିତ ଲଳିତ ମାଧବଙ୍କ ପୀଠରେ ଧାନଚେଙ୍ଗେଡା ଗ୍ରାମବାସୀଙ୍କ ସହଯୋଗରେ ପ୍ରତିବର୍ଷ ମେଳା ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଛି । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅବହେଳିତ ବ୍ରହ୍ମପୁର ରେଳଷ୍ଟେଶନ
# ମୌଳିକ ସୁବିଧାରୁ ବଞ୍ଚିତ ଯାତ୍ରୀ

**ବ୍ରହ୍ମପୁର ଅଫିସ,୧୬।୧୨**

ବ୍ରହ୍ମପୁର ରେଳଷ୍ଟେଶନ ଉପରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଆସୁଥିବା ଯାତ୍ରୀମାନେ ନିର୍ଭର କରୁଛନ୍ତି। ପ୍ରତିଦିନ ଏହି ଷ୍ଟେଶନର ଉଭୟ ପଟୁ ଶତାଧିକ ଟ୍ରେନ ଚଳପ୍ରଚଳ ହେଉଛି। ରାଜସ୍ୱ ଅଦାୟରେ ଏହି ଷ୍ଟେଶନ ଓଡ଼ିଶାରେ ଏକ ପ୍ରମୁଖ ସ୍ଥାନରେ ରହିଛି। ଏହା ସତ୍ତ୍ୱେ ମଧ ଅବହେଳିତ ହୋଇ ରହିଛି। ପଡ଼ୋଶୀ ବିଶାଖାପାଟଣାମ୍ ଓ ଭୁବନେଶ୍ୱର ରେଳଷ୍ଟେଶନ ଭଳି ସୁବିଧା ଓ ସୌନ୍ଦର୍ଯ୍ୟକରଣରେ ବହୁ ପଛରେ ପଡିଛି। ଏଠାରେ ୪ ପ୍ଲାଟଫର୍ମ ରହିଛି। ସେହିପରି ୪ ପାଦ ଚଲା ପୋଲ, ଗୋଟିଏ ଏସ୍କାଲେଟର ଶୌଚାଳୟ ସହିତ ଯାତ୍ରୀଙ୍କ ପାଇଁ କେତେକ ସୁବିଧା ସୁଯୋଗ ରହିଛି। ଷ୍ଟେଶନରେ ପାର୍କିଂ, ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା, ଲିଫ୍ଟ ନ ଥିବା ବେଳେ ଜନ ଆହାରକେନ୍ଦ୍ର ଠିକ୍ ଭାବେ କାମ କରୁନାହିଁ, ଅବ୍ୟବସ୍ଥା ଘେରରେ ଶୌଚାଳୟ ରହିଛି। ଆବଶ୍ୟକ



ବ୍ରହ୍ମପୁର ରେଳ ଷ୍ଟେଶନ।

ବିଶ୍ରାମାଗାର ନାହିଁ, ଏସ୍କାଲେଟର ଠିକ୍ ଭାବେ କାମ କରୁନାହିଁ। ଏଭଳି ଅନେକ ସମସ୍ୟା ଲାଗି ରହିଛି। ୧୮୯୬ରେ ନିର୍ମିତ ହୋଇଥିବା ଏହି ପୁରାତନ ରେଳଷ୍ଟେଶନଟି ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଡିଭିଜନ ଅଧୀନରେ ରହିଛି।

ସୂଚନା ଅନୁଯାୟୀ, ଏହି ଷ୍ଟେଶନ ଦେଇ ଶତାଧିକ ରେଳ ଯାତାୟାତ କରୁଥିବା ବେଳେ ପ୍ରାୟ ୧୨ ହଜାର ଯାତ୍ରୀ ଏଠାକୁ ଆସୁଛନ୍ତି। ସାଧାରଣ ସଂରକ୍ଷଣ ଓ ପ୍ଲାଟଫର୍ମ ଟିକେଟକୁ ମିଶାଇ ପ୍ରାୟ ୧୫ ଲକ୍ଷ ଟଙ୍କା ଆଦାୟ କରାଯାଉଥିବା ଜଣାପଡିଛି। ବିଗତ ଦିନଗୁଡିକରେ ରେଳ ବିଭାଗ ତରଫରୁ ନିଆଯାଇଥିବା କେତେକ ଆଧୁନିକୀକରଣ ପଦକ୍ଷେପ ଯଥା ଷ୍ଟେଶନରେ ସିସି ଟିଭି କେମେରା, ବରିଷ୍ଠ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ଲିଫ୍ଟ ଆଦି କାମ ବାକି ରହିଛି। ୪ ନମ୍ବର ପ୍ଲାଟଫର୍ମରେ ସବୁ ପ୍ରକାର ଗାଡି ରହୁ ନ ଥିବାରୁ ସେହିବାଟ ଦେଇ ଆସୁଥିବା ଯାତ୍ରୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନେ ଅଧିକ ଅସୁବିଧା ଭୋଗୁଛନ୍ତି। ୪ ନମ୍ବର ଷ୍ଟେଶନ ନିକଟରେ ଗତ ୩ ତାରିଖ ରାତିରେ ଜଣେ ଯୁବକଙ୍କ ଗଳା କାଟି ହତ୍ୟା କରାଯାଇଥିଲା। ପ୍ଲାଟଫର୍ମରେ ସିସି ଟିଭି କ୍ୟାମେରା ଲାଗି ନ ଥିବାରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ପୋଲିସ ଅସୁବିଧାର ସମ୍ମୁଖୀନ ହୋଇଥିଲା। ଏନେଇ ଷ୍ଟେଶନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମା କୁହନ୍ତି, ଷ୍ଟେଶନରେ ଲାଗି ରହିଥିବା ସମସ୍ୟାଗୁଡିକର ସମାଧାନ ଦିଗରେ ଏବେ ପଦକ୍ଷେପ ନିଆଯାଉଛି। ସିସି ଟିଭି କେମେରାଗୁଡିକ ଆଗକୁ ଅଧିକ କ୍ରିୟାଶୀଳ କରାଯିବ। ପ୍ଲାଟଫର୍ମରେ ଲିଫ୍ଟ କାମ ଚାଲିଛି। ସେହିଭଳି ବାହାରେ ଯାତ୍ରୀମାନଙ୍କ ସୁବିଧା ପାଇଁ ଗୋଟିଏ ସୁଲଭ ଶୌଚାଳୟ, ପାର୍କିଂ ପାଇଁ ସେଡ୍ ବ୍ୟବସ୍ଥା, ଯାତ୍ରୀଙ୍କ ରହଣି ପାଇଁ ସେଡ୍ ଭଳି ଅନେକ ଯୋଜନା ରହିଛି ।

# କଲେଜ ଛାତ୍ରୀ ଅପହରଣ ଘଟଣା: ୫ ଗିରଫ

■ ଆପତ୍ତିଜନକ ମନ୍ତବ୍ୟ ଦେଇ ମାଡ଼ ଖାଇଲେ ମୁଖ୍ୟ ଅଭିଯୁକ୍ତ

■ ବୁଝାଶୁଝା କରିବାକୁ ଯାଇ ଥାନା ଏସ୍ଆଇ ଆହତ

**ନୟାଗଡ଼ ଅଫିସ/ଭାପୁର (ଡି.ଏନ୍.ଏ.),୧୬ା୧୨**

ନୟାଗଡ଼ ଜିଲା ଫତେଗଡ଼ ଥାନା ଭାପୁର ଅଞ୍ଚଳରେ କଲେଜ ଛାତ୍ରୀଙ୍କୁ ଅପହରଣ ଘଟଣାରେ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୋମବାର ଅପରାହ୍ଣ ୨ଟାରେ ଫତେଗଡ଼ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍ପି ଶଶିଭୂଷଣ ଶତପଥୀ ଏହି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ପିଠାଖାଇ ଗ୍ରାମର ସୁଶାନ୍ତ କୁମାର ନାୟକ (୨୭), ବିଜିପୁର ଗ୍ରାମର ସନ୍ତୋଷ ଜେନା (୩୫), ଖୋର୍ଦ୍ଧା ଜିଲା କୁମାରବସ୍ତ ଗ୍ରାମର ମାନସ ବଳିୟାରସିଂହ, ଫତେଗଡ଼ ଗ୍ରାମର ଶିବପ୍ରସାଦ ପଶା (୨୦) ଓ ତ୍ରିନାଥ ପଶା (୨୭)। ମିଳିଥିବା ସୂଚନା ଅନୁସାରେ ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ବିବାହିତ ହୋଇଥିବା ବେଳେ କଲେଜ ଛାତ୍ରୀଙ୍କୁ ଏକତରଫା ପ୍ରେମ କରି ଶନିବାର ସହଯୋଗୀମାନଙ୍କ ସହିତ ଉଠାଇ ନେଇଥିଲେ। ଏ ନେଇ ଛାତ୍ରୀଙ୍କ ବାପା ଫତେଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୧୫/୧୯ରେ ଏକ ମାମଲା ରୁଜୁ କରି ଛାତ୍ରୀଙ୍କୁ ଉଦ୍ଧାର କରିବା ସହିତ ଫୁଲବାଣୀ ପୋଲିସ ସହାୟତାରେ ଫୁଲବାଣୀର ବିଭିନ୍ନ ଅଞ୍ଚଳରୁ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଖବରଦାତା ସମ୍ମିଳନୀ ପରେ ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ପୂର୍ବରୁ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ମୁଖ୍ୟ ଅଭିଯୁକ୍ତ ସୁଶାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେଉଥିବା ବେଳେ ସେ ପାଖରେ ଥିବା ଲୋକମାନଙ୍କୁ ଉସୁକାଇବା ସହିତ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଏଥିରେ ଲୋକମାନେ ଉତ୍ତ୍ୟକ୍ତ ହୋଇ ସୁଶାନ୍ତଙ୍କୁ ମାଡ଼ ମାରିବା ସହିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଭଙ୍ଗାରୁଜା କରିଥିଲେ। ଏଥିରେ ସୁଶାନ୍ତଙ୍କ ମୁଣ୍ଡ ଫାଟି ଆହତ ହୋଇଥିଲେ। ଲୋକଙ୍କୁ ବୁଝାଶୁଝା କରିବାକୁ ଯାଇ ଫତେଗଡ଼ ଥାନା ଏସ୍ଆଇ ନିରଞ୍ଜନ ବଡ଼ଜେନାଙ୍କ ମୁଣ୍ଡ ଫାଟି ଆହତ ହୋଇଥିଲେ। ଏହା ପରେ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ଥାନୀୟ ଲୋକେ ଅପରାହ୍ଣ ୫ଟାରେ ମେଡ଼ିକାଲ ଆଗରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଖବର ପାଇ ଖଣ୍ଡପଡ଼ା ଏସ୍ଡିପିଓ ଶ୍ରୀନିବାସ ମହାନ୍ତି, ଥାନା ଅଧିକାରୀ ବିମଳ ମଲ୍ଲିକ, ନୟାଗଡ଼ ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବାରୁ ଲୋକେ ଆନ୍ଦୋଳନରୁ ହଟିଥିଲେ। ପରେ ୧୦୮ ଆମ୍ବୁଲାନ୍ସରେ ସୁଶାନ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେ ଏବେ ଚିକିତ୍ସାଧୀନ ଥିବାବେଳେ ଅନ୍ୟ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।


ଗିରଫ ୫ ଅଭିଯୁକ୍ତ।


ଥାନା ଏସ୍ଆଇ ନିରଞ୍ଜନ ବଡ଼ଜେନା ଓ ଆହତ ସୁଶାନ୍ତ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ, ବାଇକ୍ ଆରୋହୀ ଗିରଫ

**ନୟାଗଡ଼ ଅଫିସ,୧୬ା୧୨:** ନୟାଗଡ଼ ଜିଲା ଶରଣକୁଳ ଥାନା ନରେନ୍ଦ୍ରପୁର ଗ୍ରାମର ଜଳଧରି ପୋଖରୀ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରେନ୍ଦ୍ରପୁର ଗ୍ରାମର ରବୀନ୍ଦ୍ର କୁମାର ସାହୁ (୫୦)। ରବୀନ୍ଦ୍ରଙ୍କୁ ବାଇକ୍ ଧକ୍କାଦେଇ ମାରିଥିବା ଅଭିଯୋଗରେ ଓଡ଼ଗାଁ ଗୁଡ଼ିଆସାହିର ଦେବାଶିଷ ମହାପାତ୍ରଙ୍କୁ ପୋଲିସ ଗିରଫ କରିଛି। ଥାନାରୁ ମିଳିଥିବା ସୂଚନା ଅନୁସାରେ ରବୀନ୍ଦ୍ର ରବିବାର ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ନୟାଗଡ଼ରୁ ବାଇକ୍ ଯୋଗେ ଓଡ଼ଗାଁ ଫେରୁଥିବା ଦେବାଶିଷ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ରବୀନ୍ଦ୍ର ଗୁରୁତର ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ୧୨୭/୧୯ରେ ଏକ ମାମଲା ରୁଜୁ କରିବା ସହିତ ଦେବାଶିଷଙ୍କୁ ଗିରଫ କରି ତାଙ୍କ ବାଇକ୍ ଜବତ କରିଛି।

### ସୁଲୁକୁଟୀ ପୀଠରେ ଯାତ୍ରା ଉତ୍ସବ

**ଦଶପଲ୍ଲା,୧୬ା୧୨(ଡି.ଏନ୍.ଏ.):** ଦଶପଲ୍ଲା ଦୁର୍ଗାବଜାରସ୍ଥ ମା’ ସୁଲୁକୁଟୀ ଦେବୀଙ୍କ ପୀଠରେ ଚାଲିଥିବା ଯାତ୍ରା ଉତ୍ସବ ସୋମବାର ସନ୍ଧ୍ୟାରେ ଉଦ୍ଯାପିତ ହୋଇଛି। ମନ୍ଦିର ପ୍ରାଙ୍ଗଣରେ ତିନିଦିନ ଧରି ହୋମ, ଯଜ୍ଞ, ନାମସଂକୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପୂର୍ଣ୍ଣାହୁତି ସମୟରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଯାତ୍ରା କମିଟି ତରଫରୁ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

### ମଦ ଜବତ: ଜଣେ ଗିରଫ

**ନୂଆଗାଁ,୧୬ା୧୨(ଡି.ଏନ.ଏ.)**-ନୟାଗଡ ଜିଲା ନୂଆଗାଁ ଥାନା ପୋଲିସ ସୋମବାର ସନ୍ଧ୍ୟାରେ ସୋରଡା ଗ୍ରାମରେ ଚଢାଉ କରି ଦେଶି ଓ ବିଦେଶୀ ମଦ ଜବତ କରିବା ସହ ଜଣେ ଜଣେ ମଦ ବେପାରୀଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ ସୋରାଡା ଗ୍ରାମର ଦେବରାଜ ନାୟକ (୫୦)। ନୂଆଗାଁ ଥାନା ଅଞ୍ଚଳରେ ବିପୁଳ ପରିମାଣରେ ନିଶା କାରବାର ହେଉଥିବା ଯୋଗୁଁ ଅନେକ ସମୟରେ ଅସାମାଜିକ ବ୍ୟକ୍ତିମାନେ ନିଶା ସେବନ କରି ଚୋରି ଡକାୟତି ଆଦି ଘଟଣାମାନ ଘଟାଇ ଥାଆନ୍ତି। ଏ ନେଇ ଅଭିଯୋଗ ହେବା ପରେ ନୂଆଗାଁ ପୋଲିସ ତରଫରୁ ତତ୍ପରତା ପ୍ରକାଶ ପାଇଛି। ସୋରଡା ଗ୍ରାମରେ ମଦ କାରବାର ହେଉଥିବା ଖବର ପାଇ ନୂଆଗାଁ ପୋଲିସ ତରଫରୁ ଚଢାଉ କରାଯାଇଥିଲା ଦେବରାଜ ଘରେ ମଦ ବିକ୍ରି କରୁଥିବା ସମୟରେ ପୋଲିସ ପହଞ୍ଚି ତାଙ୍କୁ ଧରିବା ସହ ୮ଲିଟର ବିଦେଶୀ ଓ ଆସ୍କା-୪୦ ଜବତ କରିଥିଲା ନୂଆଗାଁ ଥାନାରେ ନଂ ୧୧୩/୧୯ ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲଣ କରାଯିବ ବୋଲି ନୂଆଗାଁ ଥାନା ଆଇଆଇସି ମନୋରମା ମଲିକ କହିଛନ୍ତି।

### ୧୯ରେ ପଠାଣି ସାମନ୍ତଙ୍କ ଜୟନ୍ତୀ ନେଇ ପ୍ରସ୍ତୁତି

**ଖଣ୍ଡପଡା,୧୬ା୧୨(ସ୍ୱ.ପ୍ର.):** ଓଡିଶା ସାହିତ୍ୟ ଏକାଡେମୀ ଓ ପଠାଣି ସାମନ୍ତ ମେମୋରିଆଲ ପରିଷଦ ଖଣ୍ଡପଡାର ମିଳିତ ଆନୁକୂଲ୍ୟରେ ପ୍ରତିବର୍ଷ ପରି ଆସନ୍ତା ୧୯ ତାରିଖରେ ବିଶ୍ୱ ବିଖ୍ୟାତ ଜ୍ୟୋର୍ତିବିଦ୍ ପଠାଣି ସାମନ୍ତଙ୍କ ୧୮୫ ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବ ସ୍ଥାନୀୟ ସାଇ ବୃନ୍ଦାବନ ସେବାଧାମ ପରିସରରେ ପାଳିତ ହେବ। ଏ ନେଇ ପଠାଣି ସାମନ୍ତ ମେମୋରିଆଲ ପରିଷଦ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ତଥା ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ ସୂଚନା ଦେଇଛନ୍ତି। ଏହି ଅବସରରେ କୃତୀ ଶିଶୁ ପ୍ରତିଭାମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା।

■ ଖଣ୍ଡପଡାରେ ଜନ ଶୁଣାଣି ଶିବିର

# ଜିଲାପାଳଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ


ଶିବିରରେ ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀମାନେ।

**ଖଣ୍ଡପଡା,୧୬ା୧୨(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ଅନୁପସ୍ଥିତ ରହିଥିବା ବେଳେ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି, ଅଭିଯୋଗଗୁଡିକ ଶୁଣିଥିଲେ। ଖଣ୍ଡପଡା ସହର ସମେତ ବ୍ଲକ ଅଧୀନ ୨୨ ପଞ୍ଚାୟତରୁ ଶତାଧିକ ଅଭିଯୋଗକାରୀ ଶିବିରରେ ଉପସ୍ଥିତ ରହି ଅଭିଯୋଗ ପତ୍ର ଦାଖଲ କରିଥିଲେ। ଶିବିରରେ ସର୍ବମୋଟ ସରକାରୀ ଭାବେ ୧୯୦ଅଭିଯୋଗପତ୍ର ଗ୍ରହଣ କରାଯାଇଥିବା ବେଳେ ବେସରକାରୀ ଭାବେ ଆଉ ୧୩୦ଅଭିଯୋଗପତ୍ର ଗ୍ରହଣ କରାଯାଇଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ବିଭିନ୍ନ ଅଭିଯୋଗ ମଧ୍ୟରେ ବ୍ୟକ୍ତିଗତ ସମସ୍ୟା ନେଇ ୧୭୮ ଗୋଟି, ଗ୍ରାମ୍ୟ ସମସ୍ୟା ଗୋଟିଏ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ପ୍ରଦାନ ସମ୍ପର୍କୀତ ୧୧ଗୋଟି ଅଭିଯୋଗ ପତ୍ର ଥିବା ଜଣାପଡିଛି। ପ୍ରଶାସନିକ ଅଧିକାରୀମାନେ ୫୧ ଗୋଟି ଶୁଣାଣି କରିଥିବା ବେଳେ ହାତଗୁଞ୍ଜା ନଦେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପତ୍ର ମିଳୁନାହିଁ ବୋଲି ବିଭିନ୍ନ ପଞ୍ଚାୟତରୁ ଆସିଥିବା ହିତାଧିକାରୀମାନେ ଶିବିରରେ ଉପସ୍ଥିତ ଥିବା ନୟାଗଡ ଉପଜିଲାପାଳ ଲଗ୍ନଜିତ୍ ରାଉତ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିପରି ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ଅନେକ ଯୋଗ୍ୟ ହିତାଧିକାରୀ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ ଉଠିଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ ଆରକ୍ଷୀ ଅଧିକ୍ଷକ ଶଶିଭୂଷଣ ଶତପଥୀ, ଜିଲା ମୁଖ୍ୟ ଚିକିତ୍ସାଧୀକାରୀ ଶ୍ୱେତ କୁମାର ମହାପାତ୍ର, ବିଡିଓ ପ୍ରମୋଦ କୁମାର ନାୟକ, ତହସିଲଦାର ପାର୍ଥ ସାରଥୀ ହାସଁଦା, ଏବିଡିଓ ଦୁର୍ଗାମାଧବ ରଥଙ୍କ ସମେତ ବ୍ଲକ ପ୍ରଶାସନର ସମସ୍ତ ବିଭାଗର ମୁଖ୍ୟ ଓ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନା ଯୋଗ୍ୟ, ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜନ ଶୁଣାଣି ଶିବିରରେ କ୍ରମାଗତ ୨ଥର ଜିଲାପାଳଙ୍କ ଅନୁପସ୍ଥିତିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଆଜି କ’ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ନୀଳମାଧବ ଜୀଉଙ୍କ ପହିଲି ଭୋଗ ନୀତି ଆରମ୍ଭ

# ମା’ଙ୍କ ହାତ ରନ୍ଧା ଖାଇଲେ ଶ୍ରୀଜୀଉ

**ଖଣ୍ଡପଡା,୧୬ା୧୨(ସ୍ୱ.ପ୍ର.)**

ସୋମବାର ଧନୁ ସଂକ୍ରାନ୍ତି ତିଥିରେ ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋ ନୀଳମାଧବ ଜୀଉଙ୍କ ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ଏହି ତିଥିଠାରୁ ଠାକୁରଙ୍କ ପାଖରେ ଧନୁ ମୁଆଁ ଭୋଗ ଲାଗି ହେବାର ବିଧି ରହିଛି। ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକୁ ଶୃଙ୍ଖଳିତ କରିବା ପାଇଁ ଦେବୋତ୍ତର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ସୋମବାର ଭୋର ସାଢେ ୩ଟାରେ ମନ୍ଦିରର ଦ୍ୱାର ଫିଟାଯାଇ ମନ୍ଦିର ଶୋଧ ହେବା ପରେ ୪ଟାରେ ମଙ୍ଗଳଆଳତୀ କରାଯାଇଥିଲା। ମଇଲମ, ତଡପଲାଗି ଓ ଅନ୍ୟାନ୍ୟ ନୀତି ପରେ ସକାଳ ୬ଟା ସୁଦ୍ଧା ପହିଲି ଭୋଗ ନୀତି ସମ୍ପନ୍ନ କରାଯିବା ସହ ଏହାପରେ ସକାଳ ଧୂପ କୋଠ ଭୋଗ ହୋଇ ପୂର୍ବାହ୍ଣ ୮ଟା ପରେ ଶ୍ରଦ୍ଧାଳୁମାନେ ସାହାଣ ମେଲା ଦର୍ଶନ କରିଥିଲେ। ଅପରାହ୍ଣ ୨ଟାରୁ ୪ଟା ପର୍ଯ୍ୟନ୍ତ ପ୍ରଭୁଙ୍କର ଦିବା ପହୁଡ ନୀତି ଅନୁଷ୍ଠିତ ହୋଇଥିଲା। ଏହି ମାସରେ ଲକ୍ଷ୍ମୀ ସାଆନ୍ତାଣୀ ତାଙ୍କ ବାପ ଘରକୁ ଯାଇଥିବା ଯୋଗୁ ଏବେ ଶ୍ରୀ ଜୀଉ ତାଙ୍କ ମା’ଙ୍କ ହାତ ରନ୍ଧା ଖାଇବା ହେଉଛି ପହିଲି ଭୋଗର ବିଶେଷତ୍ୱ। ମାଆ ରୋଷେଇ କରି ପୁଅକୁ ଖାଇବା ପାଇଁ ଦେଉ ଥିବାରୁ ଅନ୍ୟାନ୍ୟ ଦିନ ଅପେକ୍ଷା ଏବେ ପହିଲି ଭୋଗ ଶିଘ୍ର ହେଉଛି ବୋଲି ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି। ଏହାକୁ ଆଧାର କରି ପୁଷ ମାସରେ ବିବାହିତା ଝିଅମାନେ ସେମାନଙ୍କ ବାପ ଘରକୁ ବୁଲି ଯିବାର ଆମ ସମାଜରେ ଏକ ପରମ୍ପରା ରହିଆସିଛି। ଏହି ବିଧି ଆସନ୍ତା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ଏକ ମାସ ଧରି ଅନୁଷ୍ଠିତ ହେବାକୁ ଥିବା ଠାକୁରଙ୍କ ଏହି ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ଭୋଗବିଧି ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିର କରାଯାଇଛି। ପହିଲି ଭୋଗ ନିମନ୍ତେ ସ୍ୱତନ୍ତ୍ର ପିଠା ଶ୍ରୀ ଜୀଉଙ୍କ ନିକଟରେ ଭୋଗଲାଗି ହୋଇଥାଏ। ଶ୍ରୀ ଜୀଉଙ୍କ ଚାଷ ଜମିରୁ ଅମଳ ନୂଆ ଧାନରୁ ପ୍ରସ୍ତୁତ ଲିଆରେ ମୁଆଁ ପ୍ରସ୍ତୁତ ହୋଇଥାଏ। ତାହା ଧନୁ ସଂକ୍ରାନ୍ତିରୁ ମକର ସଂକ୍ରାନ୍ତି ପୂର୍ବ ଦିନ ପର୍ଯ୍ୟନ୍ତ ଶ୍ରୀ ଜୀଉଙ୍କ ପାଖର ଭୋଗ ଲାଗିହୁଏ। ସେହିପରି ଖଣ୍ଡପଡା ସହରାଞ୍ଚଳସ୍ଥିତ ଜଗନ୍ନାଥ ମନ୍ଦିର ଓ ନିକଟସ୍ଥ ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉଙ୍କ ପହିଲି ଭୋଗ ନୀତି ପାରମ୍ପରିକ ରୀତିରେ ଆରମ୍ଭ ହୋଇଛି। ବିଶେଷକରି ସ୍ଥାନୀୟ ବଜାରରେ ମୁଆଁର ଚାହିଦା ଥିବାରୁ ଏବେ ଦୋକାନମାନଙ୍କରେ ବହୁଳ ପରିମାଣରେ ଗୁଡ଼ ଓ ଚିନି ଧନୁମୁଆଁ ବିକ୍ରି ହେଉଥିବା ଜଣାଯାଇଛି।


ବଜାରରେ ଧନୁ ମୁଆଁ ଦୋକାନୀଙ୍କ ପାଖରେ ଗ୍ରାହକଙ୍କ ଭିଡ଼।

■ ଏସ୍ପିଙ୍କ କାର୍ଯ୍ୟାଳୟ ଆଗରେ ନବନିର୍ମାଣ କୃଷକ ସଙ୍ଗଠନର ବିକ୍ଷୋଭ

# କାଳିଆ ଯୋଜନାରେ ଚାଷୀଙ୍କୁ ପ୍ରତାରଣା

**ନୟାଗଡ଼ ଅଫିସ,୧୬ା୧୨**

କାଳିଆ ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହାକୁ ବର୍ତ୍ତମାନ ମାତ୍ର ୪ ହଜାର ଟଙ୍କା କରିଦିଆଯାଇଛି। ଏହା ଦ୍ୱାରା ମୁଖ୍ୟମନ୍ତ୍ରୀ ୭୦ ଲକ୍ଷ ଚାଷୀଙ୍କୁ ଠକିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ୪୧୫, ୪୨୦, ୪୦୯ ଓ ୪୦୬ ଦଫାରେ ମାମଲା ରୁଜୁ କରିବା ପାଇଁ ନୟାଗଡ଼ ଜିଲାର ନବନିର୍ମାଣ କୃଷକ ସଙ୍ଗଠନ ଦାବି କରିଛି। ଏହି ପରିପ୍ରେକ୍ଷୀରେ ସୋମବାର ସଙ୍ଗଠନର ଜିଲା ସଂଯୋଜକ ମହେଶ୍ୱର ଜେନାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଡିଆରଡିଏ କାର୍ଯ୍ୟାଳୟ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଏସ୍ପିଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ରାଜ୍ୟ ସରକାର କୃଷକମାନଙ୍କ ସହିତ ବିଶ୍ୱାସଘାତକତା କରିଥିବା ପ୍ରକାଶ କରିଥିଲେ। କୃଷକମାନେ ଅଭିଯୋଗ କରିଥିଲେ ଯେ, ରାଜ୍ୟ ସରକାର ଆପତ୍କାଳୀନ ପାଣ୍ଠିରୁ ୭୩୫ କୋଟି ଟଙ୍କା ନେବା ସହିତ କୃଷି ବଜେଟରେ ଅଧିକ ୪ ହଜାର କୋଟି ମିଶାଇ ଚଳିତବର୍ଷ କ୍ଷୁଦ୍ର, ମଧ୍ୟମ ଓ ନାମମାତ୍ର ୩୪ ଲକ୍ଷ ୬୦ ହଜାର ଚାଷୀଙ୍କ ପାଇଁ କାଳିଆ ଯୋଜନାରେ ୩ ବର୍ଷ ଲାଗି ୧୦ ହଜାର ୧୮୦ କୋଟି ଟଙ୍କା ସହାୟତା ରାଶି ଘୋଷଣା କରିଥିଲେ। ସାଧାରଣ ନିର୍ବାଚନ ପୂର୍ବରୁ କାଳିଆ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ କିସ୍ତିରେ ପ୍ରାୟ ୧ ଲକ୍ଷ ଓ ଦ୍ୱିତୀୟ କିସ୍ତିରେ ୧୦ ଲକ୍ଷ ଚାଷୀଙ୍କୁ ୫ ହଜାର ଟଙ୍କା ଲେଖାଏ ଦିଆଯାଇଥିଲା। ଏହା ପରେ କାଳିଆ ଯୋଜନାରେ ଆଉ କୌଣସି ସହାୟତା ମିଳିନାହିଁ। ଏପରିସ୍ଥଳେ ଗତ ୪ତାରିଖରେ ସରକାର ଘୋଷଣା କରିଛନ୍ତି ଯେ, ୨୦୨୦-୨୧ ଆର୍ଥିକବର୍ଷରେ କାଳିଆ ଯୋଜନାରେ ୧୦ ହଜାର ଟଙ୍କା ଦେବା ବଦଳରେ ବର୍ଷକୁ ମାତ୍ର ୪ ହଜାର ଟଙ୍କା ଓ ବାକି ୬ ହଜାର ଟଙ୍କା ପ୍ରଧାନ ମନ୍ତ୍ରୀ କିଷାନ ଯୋଜନାରେ ମିଳିବ। ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଏକ ଭିନ୍ନ ଯୋଜନା ହୋଇଥିବା ବେଳେ ରାଜ୍ୟ ସରକାର କାଳିଆ ଯୋଜନାର ୩ ବର୍ଷ ବିଜ୍ଞପ୍ତି ଆଣି ଚାଷୀମାନଙ୍କୁ ଠକିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମକଦ୍ଦମା ପାଇଁ ଚାଷୀମାନେ ଦାବି କରିଛନ୍ତି। ପରେ ଦାୟିତ୍ୱରେ ଥିବା ଏଏସ୍ପି ମାଧୁରୀ ସାମଲଙ୍କୁ ଚାଷୀମାନେ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ସଙ୍ଗଠନର ଜିଲା ସହ ସଂଯୋଜକ ମମତା ନାଥ, ରଣଜିତ ଦଳବେହେରା, ରବୀନ୍ଦ୍ର କୁମାର ବରାଡ଼, ସନ୍ତୋଷ କୁମାର ପ୍ରଧାନ, କୈଳାସ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସମାବେଶ ଅନୁଷ୍ଠିତ ହୋଇଥିଲା।


ଏସ୍ପିଙ୍କ କାର୍ଯ୍ୟାଳୟ ଆଗରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଚୋରାକାଠ ଜବତ, ଜଣେ ଗିରଫ

**ଦଶପଲ୍ଲା,୧୬ା୧୨(ଡି.ଏନ୍.ଏ.):** ଦଶପଲ୍ଲା ବ୍ଲକ ଭୋଗବାଡ଼ିସ୍ଥିତ ସେଣ୍ଟ୍ରାଲ ରିଜର୍ଭ ଫରେଷ୍ଟର ଉଡ଼ାବିକ୍ରି ଗ୍ରାମ ନିକଟ ଜଙ୍ଗଲରେ ସୋମବାର ବନ ବିଭାଗ ଚଢ଼ାଉ କରି ଗୋଟିଏ ଶାଳ ଲଗ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ଡାଙ୍ଗ ନାଏକ (୩୬)ଙ୍କୁ ଗିରଫ କରାଯାଇଛି। ଡାଙ୍ଗ କାଠ ଧରି ଆସୁଥିବା ଖବର ପାଇ ଫରେଷ୍ଟର ସୁରେଶ କୁମାର ସାହୁ, ଫରେଷ୍ଟଗାର୍ଡ ସନ୍ତୋଷ ଦୋରା, ପ୍ରସନ୍ନ କହଁର, ଅଜୟ କୁମାର ସାହୁ ପ୍ରମୁଖ ଚଢ଼ାଉ କରି ତାହାକୁ ଜବତ କରିଥିଲେ। ଜବତ କାଠର ମୂଲ୍ୟ ୧୦ ହଜାର ଟଙ୍କା ହେବ। ଗିରଫ ଅଭିଯୁକ୍ତଙ୍କୁ ଦଶପଲ୍ଲା କୋର୍ଟ ଚାଲାଣ କରାଯାଇଥିବା ବିଭାଗୀୟ ସୂଚନା ଦିଆଯାଇଛି।

# କଲେଜ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ

**ଭାପୁର,୧୬ା୧୨(ଡି.ଏନ୍.ଏ.)**

ଭାପୁର ବ୍ଲକ ପଦ୍ମାବତୀ ଗ୍ରାମଠାରେ ଥିବା ପ୍ରହଲ୍ଲାଦ ଯୁକ୍ତ ୨ ମହାବିଦ୍ୟାଳୟରେ ଗତ ୫ ତାରିଖଠାରୁ ଚାଲିଥିବା ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ସମାପ୍ତ ହୋଇଛି। କଲେଜର ୯୦ ଛାତ୍ରୀଙ୍କୁ ୩ଟି ଗ୍ରୁପ୍‌ରେ ଭାଗ କରାଯାଇ ୧୨ ଦିନ ଧରି ବିଭିନ୍ନ କୌଶଳ ଶିକ୍ଷା ଦିଆଯାଇଛି। ଯୋଜନା ମୁତାବକ ଇଟାମାଟି କଲେଜ ଅଫ୍ ଏଜୁକେଶନ ଆଣ୍ଡ ଟେକ୍ନୋଲୋଜିର ଛାତ୍ରୀ ଚିନ୍ମୟୀ ମଲିକ ଓ ଶୁଖନକ୍ଷା ଦେବୀ ଶିବିରରେ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। କଲେଜ ଅଧକ୍ଷ କିଶୋର ଚନ୍ଦ୍ର ସାମନ୍ତରାୟ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ପୂର୍ଣ୍ଣିମା ଷଡ଼ଙ୍ଗୀ ଶିବିର ପରିଚାଳନା କରିଥିଲେ।

# ସଦାଶିବ ମେମୋରିଆଲ କ୍ରିକେଟ: କାଇପଦର ସେମିରେ

**ଭାପୁର,୧୬ା୧୨(ଡି.ଏନ୍.ଏ.)**

ଭାପୁର ବ୍ଲକ ଫତେଗଡ଼ ଗ୍ରାମର ଯୁବକସଂଘ ଆନୁକୂଲ୍ୟରେ ଚାଲିଥିବା ୧୦ମ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ୨ୟ ଲିଗ୍‌ମ୍ୟାଚରେ କାଇପଦର କ୍ରିକେଟ କ୍ଲବ ୬ ରନରେ ଭୁବନେଶ୍ୱରର ନଅଁପୁଟ କ୍ରିକେଟ କ୍ଲବକୁ ହରାଇ ସେମିରେ ପ୍ରବେଶ କରିଛି। ଟସ୍ ଜିଣି ସତ୍ୟପିର ସ୍ପୋର୍ଟିଂ କ୍ଲବ କାଇପଦର ପ୍ରଥମେ ବ୍ୟାଟିଂ କରି ୨୪.୩ ଓଭରରେ ସମସ୍ତ ୱିକେଟ ହରାଇ ୧୨୬ ରନ ସଂଗ୍ରହ କରିଥିଲା। ଜବାବରେ ଭୁବନେଶ୍ୱର ଦଳ ୨୩.୫ ଓଭରରେ ସମସ୍ତ ୱିକେଟ ବିନିମୟରେ ୧୨୦ ରନ କରି ୬ ରନରେ ପରାସ୍ତ ହୋଇଥିଲା। ବିଜୟୀ ଦଳର ଅନୀଲ ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଦ୍ୟୁଜେନ୍ଦ୍ର ଘୋଷ ଓ ଦୁର୍ଗାପ୍ରସାଦ ପଟ୍ଟନାୟକ। ମଙ୍ଗଳବାର ମ୍ୟାଚରେ ମଞ୍ଚେଶ୍ୱର କ୍ରିକେଟ କ୍ଲବ ଭୁବନେଶ୍ୱର ଓ କଳିଙ୍ଗ କ୍ରିକେଟ କ୍ଲବ ଖୋର୍ଦ୍ଧା ପରସ୍ପରକୁ ଭେଟିବେ।


କ୍ରିକେଟ ମ୍ୟାଚ୍‌ର ଏକ ଦୃଶ୍ୟ।

**ରାସ୍ତା ନିର୍ମାଣକୁ ବିରୋଧ**

# ବରକୋଳି ଗ୍ରାମବାସୀଙ୍କ ଧାରଣା

**ଖଣ୍ଡପଡା,୧୬ା୧୨(ସ୍ୱ.ପ୍ର.)**

ଏକ ବିବାଦୀୟ ଜାଗାରେ ରାସ୍ତା ନିର୍ମାଣକୁ କେନ୍ଦ୍ର କରି ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ପୂର୍ବରୁ କଳହର ସୂତ୍ରପାତ ହୋଇଥିବା ବେଳେ ପୁନର୍ବାର ଖଣ୍ଡପଡା ବ୍ଲକ ଅଧୀନ ମର୍ଦ୍ଦରାଜପୁର ଗ୍ରାମର ନୂଆସାହି ବସ୍ତିରେ ରାସ୍ତା ନିର୍ମାଣକୁ କେନ୍ଦ୍ର କରି ସୋମବାର ବିବାଦର ସୂତ୍ରପାତ ହୋଇଛି। ଫଳରେ ବେଣାଗଡିଆ ପଞ୍ଚାୟତର ବରକୋଳି ଓ ମର୍ଦ୍ଦରାଜପୁର ପଞ୍ଚାୟତର ନୂଆସାହି ବାସିନ୍ଦା ମୁହାଁମୁହିଁ ହୋଇଥିବା ଜଣାପଡିଛି। ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ଦାବିରେ ବରକୋଳି ଗ୍ରାମର ଶତାଧିକ ଲୋକ ଖଣ୍ଡପଡା ତହସିଲ କାର୍ଯ୍ୟାଳୟ ପରିସରରେ ସୋମବାର ଧାରଣା ଦେବା ସହ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଜଣାଯାଇଛି।

ଧାରଣାରତ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଖଣ୍ଡପଡା- କଣ୍ଟିଲୋ ମୁଖ୍ୟ ରାସ୍ତାଠାରୁ ମର୍ଦ୍ଦରାଜପୁର ନୂଆସାହିକୁ ସଂଯୋଗ କରୁଥିବା ରାସ୍ତା ବରକୋଳି ମୌଜା ଅଧୀନରେ ରହିଛି। ପୁନଶ୍ଚ ନିକଟସ୍ଥ ବରକୋଳି ପ୍ରାଥମିକ ବିଦ୍ୟାଳୟର ଖେଳପଡିଆ ମଧ୍ୟ ଦେଇ ରାସ୍ତା ଯାଉଥିବାରୁ ଉକ୍ତ ରାସ୍ତା ନିର୍ମାଣକୁ ବରକୋଳି ଗ୍ରାମବାସୀ ଦୀର୍ଘ ବର୍ଷ ଧରି ବିରୋଧ କରି ଆସୁଛନ୍ତି। ବାରମ୍ବାର ଏହି ରାସ୍ତା ନିର୍ମାଣକୁ କେନ୍ଦ୍ର କରି ବିବାଦ ଦେଖାଦେବା ପରେ ଖଣ୍ଡପଡା ତହସିଲଦାର, ଆଇଆଇସି ଓ ଉଭୟ ଗ୍ରାମର ଭଦ୍ର ବ୍ୟକ୍ତିମାନଙ୍କ ଉପସ୍ଥିତରେ ଏକ ଶାନ୍ତି କମିଟି ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। ବରକୋଳି ମୌଜାର ପ୍ଲଟ ନଂ-୧୦୧୫, ୧୦୧୬, ୧୦୧୭ ଦେଇ ଉକ୍ତ ରାସ୍ତାଟି ଯାଉଥିବାରୁ ପ୍ରଶାସନ ପକ୍ଷରୁ ପୁନଃ ଜାଗା ମାପ କରାଯାଇ ରାସ୍ତା ପାର୍ଶ୍ୱରୁ ଜବର ଦଖଲକାରୀଙ୍କୁ ହଟାଇବା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ମର୍ଦ୍ଦରାଜପୁର ନୂଆସାହି ବାସିନ୍ଦା ଗତ ୧୩ ତାରିଖ ରାତିରେ ଉକ୍ତ ରାସ୍ତାରେ ମୋରମ ପକାଇବାକୁ କେନ୍ଦ୍ର କରି ବରକୋଳି ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଥିବା ଜଣାଯାଇଛି। ଖଣ୍ଡପଡା ତହସିଲଦାର ପାର୍ଥ ସାରଥୀ ହାସଁଦା, ଅତିରିକ୍ତ ତହସିଲଦାର ସଂଜୟ କୁମାର ସାମନ୍ତରାୟ ଓ ଆଇଆଇସି ବିମଳ କୁମାର ମଲ୍ଲିକ ଧାରଣାରତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଏ ସମ୍ପର୍କରେ ନୟାଗଡ ଉପଜିଲାପାଳ ଉଭୟ ଗ୍ରାମର ବାସିନ୍ଦାଙ୍କ ସହ ଆଲୋଚନା କରିବା ପରେ ଆସନ୍ତା ୧୦ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ତହସିଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିର୍ଭର ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନକାରୀ ଧାରଣାରୁ ଉଠିଥିଲେ ବୋଲି ତହସିଲଦାର ପାର୍ଥସାରଥୀ ହାସଁଦା ସୂଚନା ଦେଇଛନ୍ତି।


ତହସିଲ କାର୍ଯ୍ୟାଳୟ ପରିସରରେ ଗ୍ରାମବାସୀ।